بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 46

ବାର୍ଷିକ ଦେୟ : 600/-

11 ଜମାଦିଉଲ୍ ଅୱଲ୍ 1446 ହି.କ, 14 ନବୁଓ୍ୱତ୍ 1403 ହି.ଶ, 14 Nov 2024- ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

لَا یَبۡعَثُ اللّٰہُ مَنۡ یَّمُوۡتُ ؕ بَلٰی وَعۡدًا عَلَیۡہِ حَقًّا وَّ لٰکِنَّ اَکۡثَرَ النَّاسِ لَا یَعۡلَمُوۡنَ ○

**(ଅନ୍ ନହଲ୍ : 29)**

ଅନୁବାଦ: ଯିଏ ମୃତ୍ୟୁ ଲାଭ କରିଛି ତାହାକୁ ଅଲ୍ଲାଃ ପୁନର୍‌ବାର କଦାପି ଜୀବିତ କରିବେ ନାହିଁ । କିନ୍ତୁ ପ୍ରକୃତରେ ଏପରି ନୁହେଁ । ଏହା ଏପରି ଏକ ପ୍ରତିଶ୍ରୁତି ଯେଉଁ ପ୍ରତିଶ୍ରୁତିକୁ ଅଲ୍ଲାଃ ତାଲା ପୂର୍ଣ୍ଣ କରିବାକୁ ଦାୟୀ ଅଟନ୍ତି। କିନ୍ତୁ ଅଧିକାଂଶ ଲୋକ ଏହି ବାସ୍ତବତାକୁ ଜାଣନ୍ତି ନାହିଁ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ଜକାତ୍ ଦେବା ଓ ଅଭାବି ଦରିଦ୍ରମାନଙ୍କୁ କ୍ଷୀର ପାନ କରାଇବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇଥାଏ ।**

**(2633)** ହ. ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ: ଏକ ନିପଟ ମଫସଲ ଆଦିବାସୀ ବ୍ୟକ୍ତି ଆସିଲା ସେ ଆପଣ ସ.ଅଙ୍କୁ ପ୍ରବାସ ସଂକ୍ରାନ୍ତରେ ପ୍ରଶ୍ନ କଲା । ଆପଣ ସ.ଅ କହିଲେ, ପ୍ରବାସ ପ୍ରସଙ୍ଗ ତ' ଅତ୍ୟନ୍ତ କଷ୍ଟକର ପ୍ରସଙ୍ଗ ଅଟେ । ତୁମ ପାଖରେ କିଛି ଓଟ ଅଛନ୍ତି କି? ସେ ଉତ୍ତର ଦେଲା, ହଁ ଅଛନ୍ତି । ଆପଣ ସ.ଅ କହିଲେ, ତୁମେ ସେହି ଓଟମାନଙ୍କର ଜକାତ୍ ଦେଉଛ ଅବା ନୁହେଁ ? ଉକ୍ତ ବ୍ୟକ୍ତି କହିଲା, ହଁ ମୁଁ ଜକାତ୍ ଦିଏ । ଆପଣ ସ.ଅ କହିଲେ, ତୁମେ ଏହି ଓଟମାନଙ୍କୁ ଅଭାବି ବ୍ୟକ୍ତିଙ୍କୁ କ୍ଷୀର ପାନ କରିବା ନିମନ୍ତେ ଦିଅ ଅବା ନୁହେଁ? ସେ କହିଲା, ଆଜ୍ଞା ହଁ ମୁଁ ଦିଏ । ଆପଣ ସ.ଅ ପୁନଶ୍ଚ କହିଲେ, ବସ୍ ! ସେହି ଓଟମାନଙ୍କୁ ତୁମେ ଜଳପାନ କରାଇବା ସମୟରେ ସେମାନଙ୍କର କ୍ଷୀର ଦୁହ ଏବଂ ଅଭାବି ଦରିଦ୍ରମାନଙ୍କୁ ସେହି ଓଟମାନଙ୍କର କ୍ଷୀର ପାନ କରାଅ କି ? ସେ କହିଲା, ହଁ । ଆପଣ ସ.ଅ କହିଲେ, ହେ ବ୍ୟକ୍ତି ! ତାହାହେଲେ ତୁମେ ଯଦି ସମୁଦ୍ରର ଅନ୍ୟ ପାର୍ଶ୍ୱରେ ଛିଡ଼ା ହୋଇ ମଧ୍ୟ ନିଜର କର୍ମ ସମ୍ପାଦନ କର ତେବେ ଅଲ୍ଲାଃତାଲା ତୁମର ଯେକୌଣସି କର୍ମର ପ୍ରତିଫଳ ଏବଂ ପୁଣ୍ୟ ପ୍ରଦାନ କରିବାରେ ତୁମ ପ୍ରତି କେବେ ବି ଅବହେଳା ପ୍ରଦର୍ଶନ କରିବେ ନାହିଁ ।

**ଶସ୍ୟ ଉତ୍ପାଦନ ଏବଂ ସେବନ କରିବା ନିମନ୍ତେ କୌଣସି ବ୍ୟକ୍ତିକୁ ବିନା ପାରିଶ୍ରମିକରେ ଭୂମି ଦେବା**

**(2634)** ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏଭଳି ଏକ ଜମି ଆଡ଼କୁ ଗଲେ ଯେଉଁ ଜମି ଶସ୍ୟ ଶ୍ୟାମଳ ଥିଲା। ଆପଣ ସ.ଅ କହିଲେ, ଏହି ଜମିଟି କାହାର ? ଲୋକମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଇ ଚାଷ ଜମିଟି ଅମକ ବ୍ୟକ୍ତିର ଏବଂ ସେ କାଟରେ (ଠିକାରେ) ନେଇଛି । ଆପଣ ସ.ଅ କହିଲେ, ଯଦି ଜମି ମାଲିକ ଉକ୍ତ ଚାଷ ଜମିରୁ ଭୂମିକର ଏବଂ ଚାଷ କର ନେବା ପରିବର୍ତ୍ତେ ଉକ୍ତ ଚାଷ ଜମିକୁ ଯଦି ଭାଗ ଚାଷୀକୁ ସେମିତି ମାଗଣାରେ ଦେଇ ଦେଇ ଥାଆନ୍ତା ତାହାହେଲେ ଏହା ଜମି ମାଲିକ ପକ୍ଷେ ଅଧିକ ଉତ୍ତମ ହୁଅନ୍ତା ।" **(ସହିହୁଲ୍ ବୁଖାରୀ, ଭାଗ-4, ବାବ୍- କିତାବ୍ ଇଲାହିୟାହ୍)** ☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଲକ୍ଷ ଲକ୍ଷ ପବିତ୍ର ସାଧୁ ବ୍ୟକ୍ତିମାନଙ୍କର ସାକ୍ଷ୍ୟ ବିଦ୍ୟମାନ ରହିଛି । ସେହି ସାଧୁ ସନ୍ଥ ଏବଂ ପବିତ୍ରାତ୍ମାମାନେ ନିଜର ବ୍ୟବହାରିକ ଅବସ୍ଥା ଅର୍ଥାତ୍ ଆଚରଣ ଦ୍ୱାରା ଏହା ସିଦ୍ଧ କରି ଦେଖାଇ ଦେଇଛନ୍ତି ଏବଂ ହୃଦୟରେ ପ୍ରବାହିତ ହେଉଥିବା ରକ୍ତ ମାଧ୍ୟମରେ ଏହି ସାକ୍ଷ୍ୟ ଉଲ୍ଲେଖ କରିଦେଇଛନ୍ତି ଯେ, ଈଶ୍ୱର ଅଛନ୍ତି ଏବଂ ସେ ଅବଶ୍ୟ ବିଦ୍ୟମାନ ଅଛନ୍ତି । ଉପରୋକ୍ତ ସାକ୍ଷ୍ୟ ସତ୍ତ୍ୱେ ବି ଯଦି କୌଣସି ବ୍ୟକ୍ତି ଉକ୍ତ କଥା (ଈଶ୍ୱରଙ୍କ ଅସ୍ତିତ୍ୱ)କୁ ଅସ୍ୱୀକାର କରେ ତେବେ ସେହି ବ୍ୟକ୍ତି ମୂର୍ଖ ଅଟେ ।**

ଯଦି କୌଣସି ବ୍ୟକ୍ତି ଏହି ସନ୍ଦେହ ପ୍ରକାଶ କରେ ଯେ, ଈଶ୍ୱର ନାହାନ୍ତି ତେବେ ଉକ୍ତ କଥାଟି ଅତ୍ୟନ୍ତ ବାହ୍ୟ ଓ ନିରର୍ଥକ କଥା ଅଟେ । ଏହାଠୁ ବଳି ଆଉ କ'ଣ ଅବୋଧତା ଏବଂ ମୂର୍ଖତା ହୋଇ ପାରିବ ଯେ, ଈଶ୍ୱରଙ୍କୁ ଏବଂ ତାହାଙ୍କ ସତ୍ତାକୁ ପ୍ରତ୍ୟାଖ୍ୟାନ କରାଯାଏ । ସଂସାରରେ ଅଦାଲତ୍‌ରେ ଯଦି ଦୁଇଜଣ ବ୍ୟକ୍ତି ଅନ୍ୟ ବ୍ୟକ୍ତି ବିରୁଦ୍ଧରେ ସାକ୍ଷ୍ୟ ପ୍ରଦାନ କରି ଦିଅନ୍ତି ତେବେ ଅଦାଲତ ଡିଗ୍ରୀ ଦେଇଦିଏ । କିଛି ସାକ୍ଷ୍ୟମାନଙ୍କ ବୟାନ୍ (ବିବୃତ୍ତି) ଆଧାରରେ ଜୀବନ ଭଳି ଅତି ପ୍ରିୟ ବସ୍ତୁ ବିରୁଦ୍ଧରେ ଅଦାଲତ୍ ଧର୍ମାଦେଶ ଜାରି କରି ଦୋଷୀକୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥାଏ । କିନ୍ତୁ ସାକ୍ଷ୍ୟମାନଙ୍କ ମଧ୍ୟରେ କେବଳ ମିଛ ସାକ୍ଷ୍ୟ ଏବଂ ଷଡ଼ଯନ୍ତ୍ର ନଥାଏ ବରଂ ବିଶ୍ୱାସ ମଧ୍ୟ ରହିଥାଏ । କିନ୍ତୁ ଈଶ୍ୱରଙ୍କ ସଂକ୍ରାନ୍ତରେ ସହସ୍ର ସହସ୍ର ମନୁଷ୍ୟମାନେ ଯେଉଁମାନେ ନିଜ ଜାତି ତଥା ନିଜ ଦେଶରେ ସତ୍ୟବାଦୀ, ପୁଣ୍ୟବାନ ଓ ସଦାଚାରୀ ବୋଲାଉଥିଲେ ଥିଲେ ସେହିମାନେ ଈଶ୍ୱରଙ୍କ ସଂକ୍ରାନ୍ତରେ ଯଦି ସାକ୍ଷ୍ୟ ପ୍ରଦାନ କରିଥିବେ ତେବେ ସେହି ପୁଣ୍ୟବାନ, ସଦାଚାରୀ ଓ ସତ୍ୟାବାଦୀ ବ୍ୟକ୍ତିମାନଙ୍କର ସାକ୍ଷ୍ୟକୁ ଯଥେଷ୍ଟ ବୋଲି ମନେକରା ନଯାଉ । ଏହାଠୁ ଅଧିକ ଦୁଃସାହସିକତା ଏବଂ ହଠତା ଆଉ କ'ଣ ବା ହୋଇପାରେ ଯେ, ଲକ୍ଷ ଲକ୍ଷ ପୁଣ୍ୟବାନ, ସଦାଚାରୀ ଏବଂ ସତ୍ୟବାଦୀ ବ୍ୟକ୍ତିମାନଙ୍କର ସାକ୍ଷ୍ୟ ବିଦ୍ୟମାନ ରହିଛି । ପୁନଶ୍ଚ ସେହି ସତ୍ୟବାଦୀ, ପୁଣ୍ୟବାନ୍ ବ୍ୟକ୍ତିମାନେ ନିଜର ବ୍ୟବହାରିକ ଅବସ୍ଥା ମାଧ୍ୟମରେ ଏହା ଦର୍ଶାଇ ଏବଂ ସୂଚାଇ ଦେଲେ ଓ ହୃଦୟର ରକ୍ତ ମାଧ୍ୟମରେ ଏହି ସାକ୍ଷ୍ୟ ଉଲ୍ଲେଖ କରିଦେଲେ ଯେ, ଈଶ୍ୱର ଅଛନ୍ତି ଏବଂ ଅବଶ୍ୟ ଅଛନ୍ତି । ଏହିସବୁ ସାକ୍ଷ୍ୟ ସତ୍ତ୍ୱେ ଯଦି କୌଣସି ବ୍ୟକ୍ତି ଈଶ୍ୱରଙ୍କ ସତ୍ତା ବା ତାହାଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରେ ତେବେ ସେହି ବ୍ୟକ୍ତି ମୂର୍ଖ ଅଟେ। ହୁଜୁର ଅ.ସ କହିଲେ, ପୁନଶ୍ଚ ଆଶ୍ଚର୍ଯ୍ୟଜନକ କଥା ଏହିକି ଯେ, ଆମେମାନେ ଯେତେବେଳେ କୌଣସି ପ୍ରସଙ୍ଗରେ ରାୟ କିମ୍ବା ନିଜର ମତାମତ ଦେବାକୁ ଲାଗୁ ସେତେବେଳେ ଆମମାନଙ୍କୁ ସେହି ପ୍ରସଙ୍ଗ ସଂକ୍ରାନ୍ତରେ ଧାରଣା ରହିଥିବା ଉଚିତ୍ । ସୁତରାଂ ଯେଉଁ ବ୍ୟକ୍ତିର ପ୍ରସଙ୍ଗ ସଂକ୍ରାନ୍ତରେ କୌଣସି ଧାରାଣା ନାହିଁ ତେବେ ସେହି ବ୍ୟକ୍ତିକୁ ରାୟ ବା ମତାମତ ଦେବାର କୌଣସି ଅଧିକାର ନାହିଁ । ତେଣୁ ସେହି ବ୍ୟକ୍ତି ଯଦି ନିଜର ମତାମତ ଏବଂ ରାୟ ପ୍ରଦାନ କରେ ତେବେ ସେ କ୍ଷେତ୍ରରେ ସେହି ବ୍ୟକ୍ତି ମୂର୍ଖ ଅବୋଧ ବ୍ୟକ୍ତି ବିବେଚେତ ହେବ ନାହିଁ କି ? ଅବଶ୍ୟ ସେହି ବ୍ୟକ୍ତି ମୂର୍ଖ ବୋଲି ବିବେଚିତ ହେବ । କେବଳ ସେତିକି ନୁହେଁ ବରଂ ଅନ୍ୟ ବିଦ୍ୱାନ୍ ମନୀଷୀମାନେ ସେହି ବ୍ୟକ୍ତିକୁ ତିରସ୍କୃତ ଏବଂ ଲଜ୍ଜିତ କରିବେ । ସେମାନେ ଉକ୍ତ ବ୍ୟକ୍ତିକୁ କହିବେ ହେ ମୂର୍ଖ ! ତୋତେ ଯଦି କିଛି ଜଣା ନାହିଁ ବା ତୋର କୌଣସି ଧାରଣା ନାହିଁ ତେବେ ତୁ ପରାମର୍ଶ ଏବଂ ମତାମତ କିପରି ଦେଇ ପାରୁଛୁ ? ଏହିପରି ଭାବରେ ଯେଉଁମାନେ ଈଶ୍ୱରଙ୍କ ସଂକ୍ରାନ୍ତରେ ଏହା କୁହନ୍ତି ଯେ, ଈଶ୍ୱର, ଭଗବାନ ନାହାନ୍ତି । ତେବେ ସେମାନଙ୍କର କୌଣସି ଅଧିକାର ନାହିଁ ଯେ, ସେମାନେ ମତାମତ ଏବଂ ପରାମର୍ଶ ପ୍ରଦାନ କରିବେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେଉଁମାନଙ୍କୁ ଐଶୀ ସମ୍ବନ୍ଧୀୟ ଜ୍ଞାନ ଓ ଧାରଣା ନାହିଁ ଏବଂ ଯେଉଁମାନେ କୌଣସି ଶ୍ରମ ଏବଂ ସାଧନା କରି ନାହାନ୍ତି ଅର୍ଥାତ୍ ଈଶ୍ୱରଙ୍କ ସଂକ୍ରାନ୍ତରେ ଜାଣିବାକୁ ଚେଷ୍ଟା କରି ନାହାନ୍ତି ତେବେ ସେହିପରି ମୂର୍ଖ ବ୍ୟକ୍ତିମାନଙ୍କୁ ଈଶ୍ୱରଙ୍କ ସଂପର୍କରେ ମତାମତ ଦେବାର କୌଣସି ଅଧିକାର ନାହିଁ ।

ସେହି ମୂର୍ଖ ବ୍ୟକ୍ତିମାନଙ୍କୁ କହିବାର ଅଧିକାର ସେତେବେଳେ ପ୍ରାପ୍ତ ହୋଇପାରି ଥାଆନ୍ତା ଯେତେବେଳେ ସେମାନେ ଈଶ୍ୱରଙ୍କ ଉପସାନା କରୁଥିବା ବ୍ୟକ୍ତି ପରି ସତ୍ୟାନ୍ୱେଷଣରେ ପାଦ ଆଗକୁ ବଢ଼ାଇ ଥାଆନ୍ତେ ଏବଂ ଈଶ୍ୱରଙ୍କ ସନ୍ଧାନ (ଖୋଜି) କରିଥାଆନ୍ତେ । ପୁନଶ୍ଚ ସେମାନଙ୍କୁ ଯଦି ଈଶ୍ୱର ନମିଳି ଥାଆନ୍ତା ତେବେ ସେମାନେ ଅବଶ୍ୟ ଏହା କୁହନ୍ତେ ଯେ, ଈଶ୍ୱର, ଭଗବାନ ନାହାନ୍ତି । କିନ୍ତୁ ଅତଏବ୍

ସେମାନେ ଯେତେବେଳେ କୌଣସି ଉଦ୍ୟମ, ପରିଶ୍ରମ ଏବଂ ସାଧାନା ହିଁ କରି ନାହାନ୍ତି ତେବେ ସେହିପରି ମୂର୍ଖ ବ୍ୟକ୍ତିମାନଙ୍କୁ ଈଶ୍ୱରଙ୍କ ସଂକ୍ରାନ୍ତରେ ମତାମତ, ରାୟ ଦେବାର କୌଣସି ଅଧିକାର ନାହିଁ । ଅତଏବ୍ ଯେତେବେଳେ ଜଣେ ବ୍ୟକ୍ତି ବିଶ୍ୱାସରେ ଉନ୍ନତି କରେ ସେତେବେଳେ ସେହି ବ୍ୟକ୍ତିକୁ ଶକ୍ତି ଓ ସାମର୍ଥ୍ୟତା ପ୍ରାପ୍ତ ହୋଇଥାଏ । ସୁତରାଂ ଈଶ୍ୱର ହେଉଛନ୍ତି ଏହିଭଳି ଏକ ସତ୍ତା ବା ଅସ୍ତିତ୍ୱ ଓ ଏଭଳି ଏକ ବସ୍ତୁ ଯେ, ତାହାଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ବିଶ୍ୱାସକାରୀ ବ୍ୟକ୍ତିକୁ ଈଶ୍ୱରଙ୍କ ତରଫରୁ ଏକ ଶକ୍ତି ଏବଂ ସାମର୍ଥ୍ୟତା ପ୍ରାପ୍ତ ହୋଇଥାଏ । ବିଶ୍ୱାସକାରୀକୁ ଆଦୃଷ୍ଟ ଏବଂ ଗୁପ୍ତ ଅସ୍ତିତ୍ୱ ବା ସତ୍ତା ଦୃଶ୍ୟମାନ ହେବାକୁ ଲାଗେ । ଏପର୍ଯ୍ୟନ୍ତକି ବିଶ୍ୱାସକାରୀ ସ୍ୱଷ୍ଟ ରୂପେ ସେହି ଈଶ୍ୱରଙ୍କୁ ଦର୍ଶନ କରି ନେଇଥାଏ ଏବଂ ପୁନଃ ବିଶ୍ୱାସକାରୀର ଈଶ୍ୱରଙ୍କ ଉପରେ ଥିବା ବିଶ୍ୱାସିକ ଶକ୍ତି ଦିନକୁ ଦିନ ବୃଦ୍ଧି ପାଇଥାଏ। ସୁତରାଂ ଉପରୋକ୍ତ କଥାକୁ ସଂସାରବାସୀଙ୍କୁ ସନ୍ଧାନ କରିବା ଉଚିତ୍ । କିନ୍ତୁ ଆଜି ସଂସାରରେ ଏହି ଶକ୍ତି ଆଉ ରହି ନାହିଁ (ଦେଖିବାକୁ ମିଳୁ ନାହିଁ) ।

**(ମଲ୍‌ଫୁଜାତ୍, ଭାଗ-2, ପୃ-43, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

**ଆଁହଜରତ ସ.ଅ ହୁବୁଲ୍ ମୂର୍ତ୍ତି ଉପରେ ନିଜର ଜ୍ୟଷ୍ଟି (ବାଡ଼ି) ପ୍ରହାର କଲେ ଏବଂ ତାହା ଖସିପଡ଼ି ଭାଙ୍ଗିଗଲା । ତେବେ ଜଣେ ସାହାବି ଅବୁ ସୁଫିୟାନ୍ ଆଡ଼କୁ ଚାହିଁ କହିଲେ, ହେ ଅବୁ ସୁଫିୟାନ୍ ! କ'ଣ ତୋର ମନେ ନାହିଁ କି ଓହୋଦ୍ ଯୁଦ୍ଧ ଦିନ ତୁ କେଡ଼େ ଅହଂକାରପୂର୍ବକ ଏହି ସ୍ଲୋଗାନ୍ ଦେଇଥିଲୁ ଯେ, اُعْلُ هُبَلْ ۔ اُعْلُ هُبَلْ**

**ଐଶୀ ସଂପ୍ରଦାୟର ଉନ୍ନତିରେ ସୈତାନ୍ ଯେତେ ବାଧା ସୃଷ୍ଟି କରିବାକୁ ଚାହିଁଲେ ଓ ଯେତେ ଯୋଜନା ପ୍ରସ୍ତୁତ କରୁ ପଛେ ପରିଶେଷରେ ଈଶ୍ୱରଙ୍କ ଅବତାରମାନେ ହିଁ ଜୟଯୁକ୍ତ ହୁଅନ୍ତି ।**

**କେତେକ ଲୋକମାନେ ଆପତ୍ତି କରନ୍ତି ଯେ, ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ଏହା କାହିଁକି କୁହଯାଇଛି ଯେ, ସେ مَالِك ଅଟନ୍ତି । ଏହା କାହିଁକି କୁହାଗଲା ନାହିଁ ଯେ, ସେ ଅର୍ଥାତ୍ مَلِك ସମ୍ରାଟ୍ ଅଟନ୍ତି ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 57, 58 ର ବ୍ୟାଖ୍ୟା କରି କୁହନ୍ତି: ଯେତେବେଳେ ଏହି ଘଡ଼ି (ସମୟ) ଆସିଗଲା ସେତେବେଳେ ସେହିଦିନ ଈଶ୍ୱରଙ୍କ ଏକେଶ୍ୱରବାଦର ଶାସନ ସଂସାରରେ ସ୍ଥାପିତ ହୋଇଯିବ ଏବଂ ସିର୍କ ଏବଂ ଅବିଶ୍ୱାସକାରୀତା ସଂସାରରୁ ନିଶ୍ଚିହ୍ନ ହୋଇଯିବ । ସୁତରାଂ ଦେଖିନିଅ ଯେ, ମକ୍କା ବିଜୟ ପରେ ଈଶ୍ୱରଙ୍କ ସେହି ଘର ଯାହାକୁ ହ. ଇବ୍ରାହିମ୍ ଅ.ସ ଓ ଆପଣ ଅ.ସଙ୍କ ସୁପୁତ୍ର ହ. ଇସମାଇଲ୍ ଅ.ସ ଏକେଶ୍ୱରଙ୍କ ଉପସନା ନିମନ୍ତେ ନିର୍ମାଣ କରିଥିଲେ। ସେହି ଘରଟି ପରବର୍ତ୍ତୀ ସମୟରେ ସେମାନଙ୍କର ମାର୍ଗଭ୍ରଷ୍ଟ ସନ୍ତାନମାନଙ୍କର 360ଟି ମୂର୍ତ୍ତି ଦ୍ୱାରା ପରିପୂର୍ଣ୍ଣ କରି ଦେଇଥିଲେ । ସେହି ଘରକୁ କିପରି ଖାଲି କରାଗଲା ଓ କିପରି ଗୋଟିଏ ଗୋଟିଏ ମୂର୍ତ୍ତିକୁ ଭାଙ୍ଗି ଖଣ୍ଡ ବିଖଣ୍ଡିତ କରି ବୈତୁଲ୍ଲାଃ ବାହାରୁ ଫୋପାଡ଼ି ଦିଆଗଲା ।

ରସୁଲୁଲ୍ଲାଃ ସ.ଅ ଗୋଟିଏ ଗୋଟିଏ ମୂର୍ତ୍ତି ଉପରେ ଶହେ ଜ୍ୟଷ୍ଟି ପ୍ରହାର କରିଥିଲେ । ଆପଣ ସ.ଅ ଏହା କହୁଥିଲେ ଯେ, جَآءَ الْحَقُّ وَزَهَقَ الْبَاطِلُ اِنَّ الْبَاطِلَ كَانَ زَهُوْقًا **(ବନି ଇସ୍ରାଇଲ୍ 82)** ଅର୍ଥାତ୍ ଆସିଯାଇଛି ଏବଂ ଅସତ୍ୟ ଲୋପ ହୋଇଅଛି । ବାସ୍ତବରେ ଅସତ୍ୟ ହିଁ ଲୋପ ପାଇଥାଏ । ରସଲୁଲ୍ଲାଃ ସ.ଅ ଯେତେବେଳେ ସର୍ବ ବୃହତ୍ ମୂର୍ତ୍ତି ହୁବୁଲ ଉପରେ ନିଜର ଜ୍ୟଷ୍ଟି ଅର୍ଥାତ ବାଡ଼ି ପ୍ରହାର କଲେ ଏବଂ ତାହା ତଳେ ପଡ଼ି ଭଙ୍ଗିଗଲା (ଖଣ୍ଡ ବିଖଣ୍ଡିତ ହୋଇଗଲା) ସେତେବେଳେ ଜଣେ ସାହାବି ଅବୁ ସୁଫିୟାନ୍ ଆଡ଼କୁ ଦେଖି କହିଲେ, ହେ ଅବୁ ସୁଫିୟାନ୍ ! କ'ଣ ତୋର ମନେ ନାହିଁ କି ଓହୋଦ୍ ଯୁଦ୍ଧ ଦିନ ତୁ କେତେ ଅହଂକାରପୂର୍ବକ ଏହି ସ୍ଲୋଗାନ୍ ଦେଇଥିଲୁ ଯେ, اُعْلُ هُبَلْ ۔ اُعْلُ هُبَلْ ଅର୍ଥାତ୍ ହୁବୁଲ୍ ଠାକୁରଙ୍କର ଜୟ ହେଉ ହୁବୁଲ୍ ଦେବତାଙ୍କର ଜୟ ହେଉ । ଆଜି ଦେଖିନେ ତୋ ଆଖି ସାମ୍ନାରେ ହୁବୁଲ୍ ଦେବତା ଖଣ୍ଡ ବିଖଣ୍ଡିତ ହୋଇ ପଡ଼ିଛନ୍ତି । ଅବୁ ସୁଫିୟାନ୍ ଲଜ୍ଜିତ ହୋଇ କହିଲା, ହଉ ଛାଡ଼ ସେ କଥା ସବୁ । ଆଉ କୁହନା ସେହି ସବୁ କଥା । ଯଦି ଆଜି ମୁହମ୍ମଦ୍ ସ.ଅଙ୍କ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ଈଶ୍ୱର ହୋଇ ଥାଆନ୍ତେ ତେବେ ଆଜି ଆମେମାନେ ଯାହା କିଛି ଦେଖୁଛେ ତାହା କେବେ ବି ସମ୍ଭବପର ହୋଇ ନଥାଆନ୍ତା । ବର୍ତ୍ତମାନ ଆମମାନଙ୍କୁ ଏହି ବିଶ୍ୱାସ ହୋଇଯାଇଛି ଯେ, ଏକେଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ଈଶ୍ୱର ଏ ଜଗତରେ ନାହାନ୍ତି । ଅତଏବ اَلْمُلْكُ يَوْمَئِذٍ لِّلّٰهِ **(ଅଲ୍ ହଜ୍: 56)** ଅର୍ଥାତ୍ ସେଦିନର ସମସ୍ତ ରାଜତ୍ୱ ଅଲ୍ଲାଃତାଲାଙ୍କର ହେବ । ଉକ୍ତ ଭବିଷ୍ୟବାଣୀଟି ସେହି ଦିନ ଅତ୍ୟନ୍ତ ଭବ୍ୟତାର ସହିତ ପୂର୍ଣ୍ଣ ହେଲା ଏବଂ ଆରବର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ لَآ اِلٰهَ اِلَّا اللّٰهُର ସ୍ୱର ଗୁଞ୍ଜରିତ ହେବାକୁ ଲାଗିଲା । ପୁନଶ୍ଚ فَالَّذِيْنَ اٰمَنُوْا وَعَمِلُوا الصّٰلِحٰتِ فِيْ جَنّٰتِ النَّعِيْمِ وَالَّذِيْنَ كَفَرُوْا وَكَذَّبُوْا بِاٰيٰتِنَا فَاُولٰٓئِكَ لَهُمْ عَذَابٌ مُّهِيْنٌ **(ଅଲ୍ ହଜ୍:56)** ଅର୍ଥାତ୍ ଯେଉଁମାନେ ବିଶ୍ୱାସ କରି ସତ୍‌କର୍ମ କରୁଥିବେ ସେମାନେ ଆଶୀର୍ବାଦପୂର୍ଣ୍ଣ ସ୍ୱର୍ଗ ଉଦ୍ୟାନରେ ବାସ କରିବେ । ଯେଉଁମାନେ ଅବିଶ୍ୱାସ କରନ୍ତି ଓ ଆମ୍ଭର ନିଦର୍ଶନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରନ୍ତି ସେମାନଙ୍କ ନିମନ୍ତେ ଏକ ଅପମାନଜନକ ଶାସ୍ତି ନିର୍ଦ୍ଦିଷ୍ଟ ରହିଛି । ଐଶୀ ସଂପ୍ରଦାୟର ଉନ୍ନତିରେ ସୈତାନ୍ ଯେତେ ବାଧା ସୃଷ୍ଟି କରିବାକୁ ଚାହିଁଲେ ଓ ଯେତେ ଯୋଜନା ପ୍ରସ୍ତୁତ କରୁ ପଛେ ପରିଶେଷରେ ଈଶ୍ୱରଙ୍କ ଅବତାରମାନେ ହିଁ ଜୟଯୁକ୍ତ ହୁଅନ୍ତି । ଅବିଶ୍ୱାସକାରୀମାନଙ୍କ ସମସ୍ତ ଯୋଜନା ଏବଂ ଉପାୟ ଅସଫଳ ହୋଇ ରହିଯାଇଥାଏ। ସୁତରାଂ ବିଶ୍ୱାସକାରୀମାନେ ତ' ଉନ୍ନତି କରି ଚାଲନ୍ତି । କିନ୍ତୁ ବିରୋଧୀମାନେ ଅକୃତକାର୍ଯ୍ୟ ଏବଂ ଅସଫଳ ହୋଇ ଦୁଃଖ ଏବଂ ଅସଫଳତାର ଅପମାନ ଓ ଲଜ୍ଜାର ଅଗ୍ନିରେ ଜଳୁ ଥାଆନ୍ତି । ଏହି ସଂସାର ହିଁ ସେମାନଙ୍କ ପାଇଁ ନର୍କ ପାଲଟି ଯାଇଥାଏ ।

اَلْمُلْكُ يَوْمَئِذٍ لِّلّٰهِରେ ଆନୁଷଙ୍ଗିକ ରୂପେ ଏକ ଆପତ୍ତିର ଉତ୍ତର ଦେଖିବାକୁ ମିଳିଥାଏ । କେତେକ ଲୋକ ସୁରାଃ ଫାତିହାର ଶବ୍ଦ مَالِكِ يَوْمِ الدِّيْنِ ଉପରେ ଆପତ୍ତି କରି କହି ଥାଆନ୍ତି ଯେ, ଅଲ୍ଲାଃତାଲାଙ୍କ ସଂପର୍କରେ ଏହା କାହିଁକି କୁହାଯାଇଛି ଯେ, ସେ مَالِك ଅଟନ୍ତି । ଏହା କାହିଁକି କୁହାଗଲା ନାହିଁ ଯେ, ସେ ଅର୍ଥାତ୍ مَلِك ସମ୍ରାଟ ନାହାନ୍ତି । କିନ୍ତୁ مَلِك ଅର୍ଥାତ୍ ସମ୍ରାଟର ଅଧିକାର مَالِكର ଅର୍ଥାତ୍ ଅଧିକାର ଠାରୁ ଅଧିକ ହୋଇଥାଏ । ଉକ୍ତ ଆପତ୍ତିର ଉତ୍ତର اَلْمُلْكُ يَوْمَئِذٍ لِّلّٰهِରେ ବିଦ୍ୟମାନ ରହିଛି । କାରଣ ଅଲ୍ଲାଃତାଲା ଉକ୍ତ ଆୟତ୍‌ରେ କୁହନ୍ତି: ସେଦିନର ସମସ୍ତ ରାଜତ୍ୱ ଅଲ୍ଲାଃତାଲାଙ୍କର ହେବ । ସେ (ଅଲ୍ଲାଃ) ସେମାନଙ୍କ ମଧ୍ୟରେ ମୀମାଂସା କରିବେ । ଅଲ୍ଲାଃତାଲା କେବଳ ସମ୍ରାଟ ନୁହନ୍ତି ବରଂ ସେ ସମସ୍ତ ଶକ୍ତି, ସାମର୍ଥ୍ୟ ଏବଂ ରାଜତ୍ୱର ଅଧିକାରୀ ଅଟନ୍ତି । ଅର୍ଥାତ୍ ସେ ମହା ସମ୍ରାଟ୍ ଅଟନ୍ତି । କିନ୍ତୁ ତହିଁରୁ ଏହା ଯଥାର୍ଥ ନୁହେଁ ଯେ, ସେ ଆଜି କାଲିକା ସମ୍ରାଟମାନଙ୍କ ପରି ନୁହନ୍ତି ଯେ, ସେ ଉପରିସ୍ଥ ସ୍ରଷ୍ଟାଙ୍କ ନିୟମ ବା ଆଇନ ପାଳନ କରିବାକୁ ବାଧ୍ୟ ଅଟନ୍ତି। କାରଣ ସେ ନିଜେ କୁହନ୍ତି ଯେ, ଉପରିସ୍ଥ ସ୍ରଷ୍ଟାଙ୍କ ଦ୍ୱାରା ପ୍ରଣୀତ ଆଇନ୍ ତାହା ପାଇଁ ହୋଇଥାଏ ଯାହାର ନିଷ୍ପତ୍ତି ଏବଂ ନିର୍ଣ୍ଣୟରେ ଅନ୍ୟାୟ ଏବଂ ଅତ୍ୟାଚାର (ଜୋର ଜାର ମୁଲକ ତାର) ଦେଖିବାକୁ ମିଳେ । କିନ୍ତୁ ଅଲ୍ଲାଃତାଲା ହେଉଛନ୍ତି ଅଶେଷ ଦୟାବାନ ଓ ସଦାକରୁଣାମୟ । ତାହାଙ୍କ ନିର୍ଣ୍ଣୟରେ କୌଣସି ଅନ୍ୟାୟ ଓ ଅତ୍ୟାଚାର ଦେଖିବାକୁ ମିଳେ ନାହିଁ । ବରଂ ସେ ସମସ୍ତଙ୍କ ପ୍ରତି ଦୟା ଓ କୁରୁଣା ପ୍ରଦର୍ଶନ କରନ୍ତି । ସେ ଏପରି ଆଚରଣ ପ୍ରଦର୍ଶନ କରନ୍ତି ଯେଉଁ ଆଚରଣ ଦ୍ୱାରା ଲୋକମାନେ ଉପକୃତ ହୋଇପାରିବେ ଏବଂ ଲୋକମାନଙ୍କୁ ଲାଭ ମିଳି ପାରିବ । ସେହିପରି ଅଲ୍ଲାଃତାଲା ସୁରତୁଲ୍ ଫୁର୍କାନରେ କୁହନ୍ତି: اَلْمُلْكُ يَوْمَئِذِ اِلْحَقُّ لِلرَّحْمٰنِ **(ଅଲ୍ ଫୁର୍କାନ୍: 27)** ଅର୍ଥାତ୍ ସେଦିନ ଆଧିପତ୍ୟ ପ୍ରକୃତରେ ଦୟାବାନ୍ ଅଲ୍ଲାଃଙ୍କର ନିୟନ୍ତ୍ରଣାଧୀନ ଥିବା ଦୃଷ୍ଟିଗୋଚର ହେବ ଏବଂ ଅବିସ୍ୱାସକାରୀମାନଙ୍କ ସକାଶେ ସେହି ଦିନ ଅତ୍ୟନ୍ତ କଠୋର ଓ କଷ୍ଟଦାୟକ ହେବ । ସେହିପରି ଅଲ୍ଲାଃତାଲା ସୁରାଃ ଇନ୍‌ଫିତାର୍‌ରେ କୁହନ୍ତି: ثُمَّ مَآ اَدْرٰىكَ مَا يَوْمُ الدِّيْنِ ۔ يَوْمَ لَا تَمْلِكُ نَفْسٌ لِّنَفْسٍ شَيْـًٔا ؕ وَالْاَمْرُ يَوْمَئِذٍ لِّلّٰهِ **(ଅଲ୍ ଇନ୍‌ଫିତାର: 19, 20)** ଅର୍ଥାତ୍ ପୁନଶ୍ଚ ଆମ୍ଭେ ତୁମ୍ଭଙ୍କୁ କହୁଅଛୁ କି ବିଚାର ଦିବସର ସମୟ କେବେ, ତୁମ୍ଭଙ୍କୁ କିଏ ଜଣାଇଛି ? ସେହି ସମୟ ସେ ଦିନ ହେବ, ଯେଉଁ ଦିନ କୌଣସି ପ୍ରାଣୀ ଅନ୍ୟ ପ୍ରାଣୀକୁ ଲାଭ ଦେବା ପାଇଁ କିଛି **(ଅବଶିଷ୍ଟାଂଶ...ପୃ-10ରେ)**

## 129ତମ ଜଲ୍‌ସା ସାଲାନା କାଦିୟାନ୍, ତା-27, 28, 29 ଡିସେମ୍ବର, 2024 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 129 ତମ ଜଲ୍‌ସା ସାଲାନା କାଦିୟାନ୍ 2024 ମସିହା ନିମନ୍ତେ ତା-27, 28, 29 ଡିସେମ୍ବର 2024 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଧାର୍ଯ୍ୟ) କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

اَللّٰھُمَّ مُنْزِلَ الْکِتٰبِ سَرِیْعَ الْحِسَابِ اِھْزِمِ الْاَحْزَابَ اَللّٰھُمَّ اھْزِمْھُمْ وَانْصُرْنَا عَلَیْھِمْ

**ଅର୍ଥାତ୍ ହେ ଅଲ୍ଲାଃ ! ପବିତ୍ର ଧର୍ମଗ୍ରନ୍ଥ ଅବତୀର୍ଣ୍ଣକାରୀ !! ହେ ବିଚାରକ ପ୍ରଭୁ !!! ତୁମ୍ଭେ ଅବିଶ୍ୱାସକାରୀମାନଙ୍କର ସୈନ୍ୟବାହିନୀକୁ ପରାସ୍ତ କରିଦିଅ । ହେ ଅଲ୍ଲାଃ ! ତୁମ୍ଭେ ସେମାନଙ୍କୁ ପରାଜୟ ପ୍ରଦାନ କର ଏବଂ ସେମାନଙ୍କ ବିପକ୍ଷରେ ଆମ୍ଭମାନଙ୍କୁ ସାହାଯ୍ୟ ପ୍ରଦାନ କର ।**

---

**ଦିନେ ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ଉପରେ ଏତେ ଭୟଙ୍କର ଆକ୍ରମଣ କଲେ ଯେ, ମୁସଲମାନମାନଙ୍କର କେତେକ ନମାଜ ମୁସଲମାନମାନେ ଯଥା ସମୟରେ ସମ୍ପାଦନ କରିପାରିଲେ ନାହିଁ । ଫଳତଃ ଆପଣ ସ.ଅ ଏତେ ବ୍ୟଥିତ ଏବଂ କ୍ଷୋଭ ପ୍ରକାଶ କଲେ ଯେ, ଆପଣ ସ.ଅ କହିଲେ, ଅଲ୍ଲାଃତାଲା ଅବିଶ୍ୱାସକାରୀମାନଙ୍କୁ ଶାସ୍ତି ପ୍ରଦାନ କରନ୍ତୁ । କାରଣ ସେମାନେ ଆମମାନଙ୍କର ନମାଜକୁ ନଷ୍ଟ କରିଦେଲେ ଅର୍ଥାତ୍ ଆମକୁ ନମାଜ ଯଥା ସମୟରେ ନମାଜ ପାଠ କରିବାକୁ ଦେଲେ ନାହିଁ । ତହିଁରୁ ହ. ମୁହମ୍ମଦ ସ.ଅଙ୍କ ଚରିତ୍ର ଉପରେ ଏକ ବୃହତ୍ ଆଲୋକପାତ ହୁଏ ଏବଂ ଏହା ଜ୍ଞାତ ହୁଏ ଯେ, ସଂସାରରେ ଆପଣ ସ.ଅଙ୍କ ନିମନ୍ତେ ସବୁଠୁ ପ୍ରିୟ ବସ୍ତୁ ଈଶ୍ୱରଙ୍କ ଉପାସନା ଅର୍ଥାତ୍ ନମାଜ୍ ଥିଲା । (ହ. ମୁସ୍‌ଲେହ୍ ମଉଦ୍)**

---

**"ଏହି ଭୟଙ୍କର ତଥା ଭୟାବହ ଦିନମାନଙ୍କରେ ମଧ୍ୟ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ପାଞ୍ଚବେଳା ନମାଜ ଯଥା ସମୟରେ ପାଠ କରୁଥିଲେ । ଦିନେ ଭୟଙ୍କର ଆକ୍ରମଣ ଯୋଗୁଁ ଆପଣ ସ.ଅ ନିଜର ପାଳନକର୍ତ୍ତାଙ୍କ ଉପାସନା ଯଥା ସମୟରେ ଶାନ୍ତିପୂର୍ଣ୍ଣ ଢଙ୍ଗରେ କରିପାରିଲେ ନାହିଁ ତେଣୁ ଏଥି ନିମନ୍ତେ ଆପଣ ସ.ଅ ଗଭୀର ଭାବରେ ମର୍ମାହତ ହେଲେ ।"**

---

**ହ. ହୁଜୈଫା ର.ଅ କୁହନ୍ତି: "ମୁଁ ଯେତେବେଳେ ଅବିଶ୍ୱାସକାରୀ ସୈନ୍ୟବାହିନୀଙ୍କ ସଂପର୍କରେ ଖବର ସଂଗ୍ରହ କରିବା ନିମନ୍ତେ ବାହାରିଲି ସେତେବେଳେ ମୁଁ ଏହା ଦେଖିଲି ଯେ, ମୋ ଶରୀରରେ ଶୀତର ପ୍ରକୋପର ଚିହ୍ନ ବର୍ତ୍ତେ ନଥିଲା । ବରଂ ମୁଁ ଏହା ଅନୁଭବ କଲି ଯେ, ଏକ ଉଷ୍ମ କୁଣ୍ଡ ମଧ୍ୟ ଦେଇ ମୁଁ ଅତିକ୍ରମ କରୁଛି ଏବଂ ମୋର ବ୍ୟସ୍ତତା, ଉଦ୍‌ବିଗ୍ନତା ଓ ବ୍ୟାକୁଳତା କ୍ରମଶଃ ଦୂରୀଭୂତ ହୋଇଗଲା ।"**

---

**ଅବିଶ୍ୱାସକାରୀମାନଙ୍କ ପଳାୟନ କରିବା ଯୋଗୁଁ ଆପଣ ସ.ଅ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ, ଏହା ଆମମାନଙ୍କର କୌଣସି ଉଦ୍ୟମ ଏବଂ ସାମର୍ଥ୍ୟର ପରିଣାମ ନୁହେଁ । ବରଂ ଏହା କେବଳ ଈଶ୍ୱରଙ୍କ କୃପା ଯୋଗୁଁ ସମ୍ଭବପର ହୋଇପାରିଛି । ଉକ୍ତ ଈଶ୍ୱର କୃପା ହିଁ ସହସା ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀକୁ ପରାସ୍ତ କରିଦେଲା ।**

---

**ହୁଜୁର ଅନ୍‌ୱର ଅ.ବ କହିଲେ, ଯେପରିକି ମୁଁ କହିଲି, ସଂସାରର ଅବସ୍ଥା ଦିନକୁ ଦିନ ଅତି ଶୋଚନୀୟ ହୋଇପଡ଼ିଛି । ସଂସାର ଧ୍ୱଂସ ମୁହାଁ ହେଉଛି । ଆମେରିକା ଏବଂ ବୃହତ୍ ଶକ୍ତିମାନେ ନ୍ୟାୟକୁ ବିନିଯୋଗ କରୁ ନାହାନ୍ତି କି ନ୍ୟାୟପଥ ଅବଲମ୍ବନ କରିବାକୁ ଚାହୁଁ ନାହାନ୍ତି । ଯୁଦ୍ଧ ବ୍ୟାପକ ରୂପ ଧାରଣ କରି ଚାଲିଛି । ଅଲ୍ଲାଃତାଲା ଅହେମଦିମାନଙ୍କୁ ଏବଂ ନିରୀହ ଲୋକମାନଙ୍କୁ ଉକ୍ତ ଯୁଦ୍ଧର ଭୟାବହତା ଏବଂ କୁପରିଣାମରୁ ରକ୍ଷା କରନ୍ତୁ । ଆମିନ୍ । ଏଥି ନିମନ୍ତେ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ବୃଦ୍ଧି କରିବାକୁ ପଡ଼ିବ । ଦୁଆ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ । ତେଣୁ ଏଥିପ୍ରତି ପ୍ରତ୍ୟେକ ଅହେମଦିକୁ ଧ୍ୟାନ ଦେବା ଉଚିତ୍ ।**

---

**ପାକିସ୍ତାନରେ ଅହେମଦିମାନଙ୍କର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ସେମାନଙ୍କ ନିମନ୍ତେ ମଧ୍ୟ ଆପଣାନେ ପ୍ରାର୍ଥନା କରନ୍ତୁ ।**

---

**ବାଂଲାଦେଶର ଅହେମଦିମାନଙ୍କର ଅବସ୍ଥା ଏବଂ ପରିସ୍ଥିତି ନିମନ୍ତେ ମଧ୍ୟ ଆପଣମାନେ ଦୁଆ କରନ୍ତୁ । ସେହି ଲୋକମାନଙ୍କ ଉପରେ ଅତ୍ୟାଚାର ଏବଂ ସେମାନଙ୍କ ପ୍ରତି କ୍ରୁରତା ବୃଦ୍ଧି ପାଇଛି । ଅଲ୍ଲାଃତାଲା ସମସ୍ତଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ।**

---

**ଖନ୍ଦକ୍ ଯୁଦ୍ଧକୁ ଆୟୁଦ୍ଧ କରି ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀର ଚର୍ଚ୍ଚା । ସେହିପରି ସଂସାର ପରିସ୍ଥିତି ଏବଂ ବାଂଲାଦେଶର ଅହେମଦିମାନଙ୍କ ନିମନ୍ତେ ଦୁଆ କରିବା ନିମନ୍ତେ ହୁଜୁର ଅନ୍‌ୱର ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 04 OCTOBER 2024 ମସିହା ଅନୁଯାୟୀ ୦୪/ ଇଖା ୧ ୪ ୦ ୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଯେପରିକି ମୁଁ ପୂର୍ବ ଖୁତ୍‌ବାରେ ଅହଜାବ୍ ଯୁଦ୍ଧ ସଂପର୍କରେ ଚର୍ଚ୍ଚା କରିଥିଲି । ସେହି କ୍ରମରେ ଅହଜାବ୍ ଯୁଦ୍ଧ ସଂକ୍ରାନ୍ତରେ ଯେଉଁ ଅତିରିକ୍ତ ବର୍ଣ୍ଣନା ବର୍ଣ୍ଣିତ ହୋଇଛି ତାହା ଏହିପିରି ଯେ, ଅବିଶ୍ୱାସକାରୀମାନଙ୍କୁ ଗର୍ତ୍ତ ଅତିକ୍ରମ କରିବା ସତ୍ତ୍ୱେ ବି ଯେତେବେଳେ କୌଣସି ସଫଳତା ପ୍ରାପ୍ତ ହେଲା ନାହିଁ । ବରଂ ସେମାନଙ୍କୁ ଘୋର ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସୁତରାଂ ସେମାନେ ସେତେବେଳେ ଏକତ୍ରିତ ହେଲେ ଏବଂ ସମସ୍ତେ ଏକମତ ହେଲେ ସେମାନେ ପ୍ରାତଃ ସମୟରେ ଆକ୍ରମଣ କରିବେ। ତେଣୁ କେହି ଯେପରି ପଛରେ ନରହୁ । ସେମାନେ ଅହୋରାତ୍ର ପ୍ରସ୍ତୁତି କଲେ ଏବଂ ସୂର୍ଯ୍ୟୋଦୟ ହେବା ପୂର୍ବରୁ ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ଗର୍ତ୍ତ ଠାରେ ସେମାନେ ଆସି ପହଞ୍ଚିଗଲେ । ଅବିଶ୍ୱାସକାରୀମାନେ ପ୍ରତ୍ୟେକ ପାର୍ଶ୍ୱରୁ ଗର୍ତ୍ତକୁ ଘେରିନେଲେ ଏବଂ ଏକ ସୈନ୍ୟବାହିନୀ ରସୁଲୁଲ୍ଲାଃ ସ.ଅଙ୍କ ଶିବିର ମୁହାଁ ହେଲା। ସେହି ସୈନ୍ୟବାହିନୀରେ ଖାଲିଦ୍ ବିନ୍ ୱଲିଦ୍ ଥିଲେ । ଅବିଶ୍ୱାସକାରୀମାନେ ଯେତେବେଳେ ଖନ୍ଦକ୍ ଅର୍ଥାତ୍ ଗର୍ତ୍ତକୁ ବାରମ୍ବାର ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଏଥି ସହିତ ଅବିଶ୍ୱାସକାରୀମାନଙ୍କୁ ଧନୁର୍ଦ୍ଧରମାନଙ୍କର ଘୋର ତୀରେ ବର୍ଷଣ ସହ୍ୟ କରିବାକୁ ପଡ଼ିଲା । ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ପକ୍ଷରୁ କୌଣସି ତ୍ରୁଟି ଏବଂ ଅବଚେତନ ହେବା ବୋଲି ଅପେକ୍ଷା କରୁଥିଲେ। ଅର୍ଥାତ୍ ଯଦି କେଉଁଠୁ ସୁଯୋଗ ମିଳିଯାଏ ତେବେ ସେମାନେ ଗର୍ତ୍ତକୁ ଅତିକ୍ରମ କରିନେବେ ଏବଂ ଏହି ଆକ୍ରମଣ

ଏବଂ ଉଦ୍ୟମ ସେମାନେ କିଛି କିଛି ସମୟରେ ପରେ କରୁଥିଲେ। ଇତ୍ୟବସରରେ ୱହ୍‌ଶୀ ବିନ୍ ହର୍ବ ତୁଫୈଲ୍ ବିନ୍ ନୁମାନ୍‌କୁ ଏବଂ କେତେକଙ୍କ ମତରେ ତୁଫୈଲ ବିନ୍ ମାଲିକ୍ ବିନ୍ ନୁମାନ୍ ଅନ୍‌ସାରୀଙ୍କୁ ନିଜର ଛୋଟିଏ ବର୍ଛା ମାରି ଶହୀଦ୍ କରିଦେଲେ। ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କୁ ମଧ୍ୟ ଏକ ତୀର ବାଜିଲା । ଯାହା ଫଳରେ ସେ ଆହତ ହୋଇଗଲେ ଏବଂ କିଛି ଦିନ ପରେ ଉକ୍ତ ଆହତ ଓ ଆଘାତ ହେବା ଯୋଗୁଁ ସେ ବୀରଗତି ପ୍ରାପ୍ତ କଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଣାଦ୍, ଭାଗ-4, ପୃ-380, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ) (ଜିବନୀ ଇନ୍‌ସାଇକ୍ଲୋପିଡ଼ିଆ, ଭାଗ-4, ପୃ-345, ପ୍ରକାଶନ ସ୍ଥାନ- ଦାରୁସ୍ ସଲାମ୍)**

ଏ ହେଉଛି ସେହି ଦିନ ଯେଉଁ ଦିନ ମୁସଲମାନମାନଙ୍କ ପକ୍ଷେ ନମାଜ ଯଥା ସମୟରେ ପାଠ କରିବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଥିଲା । ସେହି ଦିନ ଅହରହ ବ୍ୟସ୍ତବହୁଳତା ଏବଂ ନିରନ୍ତର ଆକ୍ରମଣ ସଂପର୍କରେ ଯେଉଁ ଘଟଣାବଳୀ ବର୍ଣ୍ଣିତ ହୋଇଛି ତହିଁରୁ ଏହା ଜ୍ଞାତ ହୁଏ ଯେ, ପରବର୍ତ୍ତୀ ବର୍ଣ୍ଣନାକାରୀମାନେ ଉକ୍ତ କଥାକୁ ସଠିକ୍ ଭାବରେ ସୁରକ୍ଷିତ କରି ରଖି ପାରିଲେ ନାହିଁ ଏବଂ କିଛି କାଳ ପରେ ଏହି ବିଷୟବସ୍ତୁ ପ୍ରସ୍ତୁତ ହୋଇଗଲା ଯେ, ସେଦିନ ମୁସଲମାନମାନେ ନବୀ କରୀମ୍ ସ.ଅଙ୍କ ସମେତ ନା ଜୋହୋର ପାଠ କରି ପାରିଲେ ଓ ନା ହିଁ ଆପଣ ସ.ଅ ଅସର୍ ନମାଜ ପାଠ କରିପାରିଲେ । ଏପର୍ଯ୍ୟନ୍ତକି ସୂର୍ଯ୍ୟାସ୍ତ ହୋଇଗଲା । ଉକ୍ତ ନମାଜ୍‌ଟି ସୂର୍ଯ୍ୟାସ୍ତ ହେବା ପରେ ପାଠ ହେଲା । ପ୍ରାୟତଃ ଏ ସଂପର୍କରେ ଏକ କାହାଣୀ ମଧ୍ୟ ବର୍ଣ୍ଣନା କରାଯାଏ। କେତେକ ଇତିହାସବିତ୍‌ମାନେ ଅତିଶୟୋକ୍ତି ପ୍ରୟୋଗ କରିଛନ୍ତି ଯେ, ଅଲ୍ଲାଃତାଲା ଅସ୍ତ ହେଉଥିବା ସୂର୍ଯ୍ୟକୁ ଫେରାଇଦେଲେ । କାରଣ ମୁସଲମାନମାନେ ନମାଜ ଜୋହୋର ଓ ଅସର୍ ନମାଜ୍ ପାଠ କରି ନିଅନ୍ତୁ। କିନ୍ତୁ ବାସ୍ତବରେ ଏପରି ହୋଇ ନାହିଁ । ତହିଁରେ କୌଣସି ସନ୍ଦେହ ନାହିଁ ଯେ, ସେହି ଦିନଟି ଅତ୍ୟନ୍ତ କଷ୍ଟକର ଦିନ ଥିଲା । ଏହା ହୋଇଥାଇପାରେ ଯେ, ନବୀ କରୀମ୍ ସ.ଅ କୌଣସି ନମାଜ ପାଠ କରିପାରି ନଥାଇ ପାରନ୍ତି । କିନ୍ତୁ କେବଳ ଏତିକି ନଥିଲା ଯେ, ଆପଣ ସ.ଅ କେବଳ ନମାଜ ପାଠ କରିପାରି ନଥିଲେ ବରଂ ଆପଣ ସ.ଅ ଏକ କ୍ରମାଗତ ଭୟ ଓ ଚିନ୍ତିତ ଅବସ୍ଥାରେ ଉକ୍ତ ନମାଜ ପାଠ କରିଥିବେ । ଏହା ପ୍ରତିତ ହୁଏ ଯେ, ଅସର୍ ସମୟରେ ଆକ୍ରମଣ ଏତେ ବୃଦ୍ଧି ପାଇଲା ଯେ, ନମାଜ ଅସର ପାଠ କରିବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିବ ଏବଂ ଅସର୍ ନମାଜ ଅତ୍ୟନ୍ତ ସୀମିତ ଓ ଅତି କଷ୍ଟ ସମୟରେ ପାଠ କରାଯାଇଥିବ ।

ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ସେହି ଦିନ ମୁସଲମାନମାନଙ୍କର ସମସ୍ତ ନମାଜ ଯଥା ସମୟରେ ପାଠ କରାଯାଇପାରି ନଥିଲା । ଉକ୍ତ କଥାଟି ସଠିକ୍ ନୁହେଁ ଯେ, ଏହା କୁହାଯାଏ କି ନମାଜ ପାଠ କରାଯାଇ ପାରି ନଥିଲା । ଏକଥା ଆଦୌ ଠିକ୍ ନୁହଁ । ବରଂ ଯେପରିକି ବର୍ଣ୍ଣନାରୁ ପ୍ରମାଣିତ ହୁଏ ଯେ, କଥା କେବଳ ଏତିକି ଥିଲା ଯେ, ଯଦିଓ ସେତେବେଳେ ସଲାତେ ଖୌଫ୍ (ବିପତ୍ତି ସମୟର ନମାଜ) ଆରମ୍ଭ ହୋଇ ନଥିଲା । ଅତଃ ଅହରହ ବିପଦ ଏବଂ କାର୍ଯ୍ୟବ୍ୟସ୍ତତା ଯୋଗୁଁ ଗୋଟିଏ ନମାଜ ଅର୍ଥାତ୍ ଅସର ନମାଜ୍ ଯଥା ସମୟରେ ପାଠ କରାଯାଇ ପାରି ନଥିଲା । ତାହା ଅସମୟରେ ପାଠ କରାଯାଇଥିଲା । ଅର୍ଥାତ୍ ଅସର ନମାଜ୍ ମଗରିବ୍ (ସନ୍ଧ୍ୟାକାଳୀନ ନମାଜ) ସହିତ ମିଶାଇ ପାଠ କରାଗଲା । ଅନ୍ୟ ବର୍ଣ୍ଣନା ଦୃଷ୍ଟିରୁ କେବଳ ଜୋହୋର୍ ଓ ଅସର୍ ନମାଜ ଅସମୟରେ (ବିଳମ୍ବରେ) ପାଠ କରାଯାଇଥିଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-588)**

ହ. ମୁସଲେହ୍ ମଉଦ୍ ର.ଅ ମଧ୍ୟ ଉକ୍ତ ଘଟଣାକୁ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, "ଦିନେ ଆକ୍ରମଣ ଏତେ ଭୀଷଣା ଓ ତୀବ୍ରତର ହେଲା ଯେ, ମୁସଲମାନମାନେ କେତେକ ନମାଜ ଯଥା ସମୟରେ ପାଠ କରି ପାରିଲେ ନାହିଁ । ଫଳତଃ ରସୁଲୁଲ୍ଲାଃ ସ.ଅ ଏତେ ଗଭୀର ଭବାରେ ମର୍ମାହତ ହେଲେ ଯେ, ଆପଣ ସ.ଅ କହିଲେ, ହେ ଈଶ୍ୱର ! ତୁମ୍ଭେ ଅବିଶ୍ୱାସକାରୀମାନଙ୍କୁ ଶାସ୍ତି ପ୍ରଦାନ କର । କାରଣ ସେମାନେ ମୋର ନମାଜକୁ ନଷ୍ଟ କରିଛନ୍ତି.......ତହିଁରୁ ହ. ମୁହମ୍ମଦ ସ.ଅଙ୍କ ଚରିତ୍ର ଉପରେ ଏକ ଗଭୀର ଆଲୋକପାତ ହୋଇଥାଏ ଏବଂ ଏହା ଜ୍ଞାତ ହୁଏ ଯେ, ସଂସାରରେ ଆପଣ ସ.ଅଙ୍କ ନିମନ୍ତେ ସବୁଠୁ ପ୍ରିୟ ବସ୍ତୁ ଈଶ୍ୱରଙ୍କ ଉପାସନା ଅର୍ଥାତ୍ ନମାଜ୍ ଥିଲା । ଅପରପକ୍ଷେ ଶତ୍ରୁମାନେ ମଦିନାକୁ ଚତୁର୍ପାର୍ଶ୍ୱକୁ ଘେରି ରଖିଥିଲେ । ମଦିନାର ପୁରୁଷମାନଙ୍କ କଥା ଛାଡ଼ ସେମାନେ ତ' ଅଲଗା ରହୁଥିଲେ । ଆଉ ମଦିନାର ମହିଳା ଏବଂ ପିଲାମାନଙ୍କର ପ୍ରାଣ ପ୍ରତି ଭୟ ରିହଥିଲା । ସବୁବେଳେ ମଦିନାର ଲୋକମାନଙ୍କର ହୃତ୍‌ପିଣ୍ଡ ସ୍ପନ୍ଦିତ ହେଉଥିଲା କି ଶତ୍ରୁ କୌଣସି ଦିଗରୁ ମଦିନାରେ ପ୍ରବେଶ ନକରିଯାଉ । ସେତେବେଳେ ମୁହମ୍ମଦ ସ.ଅଙ୍କ ଏହା ଆକାଂକ୍ଷା ଥିଲା କି ଅଲ୍ଲାଃତାଲାଙ୍କର ଉପାସନା ଯଥା ସମୟରେ ଓ ଉତ୍ତମତାର ସହିତ ସମ୍ପାଦନ ହୋଇଯାଉ । ଅର୍ଥାତ୍ ଅତ୍ୟନ୍ତ ଭୟଙ୍କର ଅବସ୍ଥାରେ ମଧ୍ୟ ଆପଣ ସ.ଅ କେବଳ ଏତିକି କାମନା କରୁଥିଲେ ଯେ, ମୁଁ ଈଶ୍ୱରଙ୍କ ଉପସନାରୁ ଯେପରି ବଞ୍ଚିତ ନହୋଇଯାଏ । ମୁସଲମାନମାନଙ୍କର ଉପାସନା ଇହୁଦୀମାନଙ୍କର, ଖ୍ରୀଷ୍ଟିଆନ୍‌ମାନଙ୍କର ଏବଂ ହିନ୍ଦୁମାନଙ୍କ ପରି ସପ୍ତାହରେ ଗୋଟିଏ ଦିନରେ ହୋଇ ନଥାଏ । ବରଂ ମୁସଲମାନମାନଙ୍କର ଉପାସନା ଦିନ ରାତି ପାଞ୍ଚବେଳା ହୋଇଥାଏ। ଏହିଭଳି ଭୟଙ୍କର ତଥା ଉତ୍କଟ ସ୍ଥିତିରେ ତ' ଦିନରେ ଥରେ ମାତ୍ର ନମାଜ ପାଠ କରିବା ମନୁଷ୍ୟ ପକ୍ଷେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥାଏ । ତେଣୁ ପାଞ୍ଚବେଳା ନମାଜଡ ପାଠ କରିବା ଓ ଶୃଙ୍ଖଳାର ସହିତ ସାମୂହିକ ନମାଜ ପାଠ କରିବାରେ ସମସ୍ୟା ରହିଥାଏ । କିନ୍ତୁ ଏହି ଭୟଙ୍କର ଦିନମାନଙ୍କରେ ମଧ୍ୟ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଏହି ପାଞ୍ଚବେଳା ନମାଜ ନିଜ ସମୟରେ ପାଠ କରୁଥିଲେ ଏବଂ ଯେଉଁ ଦିନ ଶତ୍ରୁର ଭୀଷଣ ଆକ୍ରମଣ ଯୋଗୁଁ ଆପଣ ସ.ଅ ନିଜ ପାଳନକର୍ତ୍ତାଙ୍କର ନାମ ଶାନ୍ତି ଏବଂ ଶୃଙ୍ଖଳାର ସହିତ ଯଥା ସମୟରେ ନେଇ ପାରୁ ନଥିଲେ ସେତେବେଳେ ଆପଣ ସ.ଅ ଗଭୀର ଭାବରେ ଦୁଃଖିତ ଏବଂ ମର୍ମାହତ ହେଉଥିଲେ ।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-273-274)**

ସାଂପ୍ରତିକ ଯୁଗର ଯୁଗାବତାର, ଧର୍ମାଧ୍ୟକ୍ଷ ଓ ନ୍ୟାକର୍ତ୍ତା ତଥା ବିଚରାକ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏହି ସମସ୍ତ ବର୍ଣ୍ଣନାଗୁଡ଼ିକୁ ଯହିଁରେ ସେହି ନମାଜଗୁଡ଼ିକୁ ରାତ୍ର ସମୟରେ ପାଠ କରିବା ସଂପର୍କରେ ଚର୍ଚ୍ଚା ରହିଛି ତାହାକୁ ଦୁର୍ବଳ ବର୍ଣ୍ଣନା ବୋଲି ବିବେଚତି କରି ଗୋଟିଏ ବର୍ଣ୍ଣନାକୁ ଆପଣ ଅ.ସ ସଠିକ୍ ବୋଲି ବିବେଚିତ କରିଛନ୍ତି ଯହିଁରେ ଅସର୍ ନମାଜ ନିତିଦିନିଆ ସମୟାନୁଯାୟୀ ଅତି ସୀମିତ ସମୟ ମଧ୍ୟରେ ପାଠ କରିବାର ଚର୍ଚ୍ଚା ମଧ୍ୟ ରହିଛି ।

ଜଣେ ପାଦରୀ ଆଁହଜରତ ସ.ଅଙ୍କ ଉପରେ ଏହି ଆପତ୍ତି କରିଥିଲା ଯେ, ଆପଣ ସ.ଅ ଖନ୍ଦକ୍ ଯୁଦ୍ଧରେ ଚାରୋଟି ନମାଜ୍ କଜା (ବିଳମ୍ବ କରି ପାଠ) କରିଥିଲେ । ଅତଃ ଏହି ପାଦରୀ ବ୍ୟକ୍ତିର ଆପତ୍ତିର ଉତ୍ତର ପ୍ରଦାନ କରି ଆପଣ ଅ.ସ କୁହନ୍ତି: "ଅବଶିଷ୍ଟ ରହିଲା ଏହି ଗର୍ତ୍ତ ଖୋଳିବାର ସମୟ । ଅର୍ଥାତ୍ ଗର୍ତ୍ତ ଖନନ (ଖୋଳିବା) ସମୟରେ ଚାରୋଟି ନମାଜ ଏକତ୍ର କରି ପାଠ କରଗଲା । ଏହି ମୂର୍ଖତାପୂର୍ଣ୍ଣ ସଂଶୟର ଉତ୍ତର ଏହିକି ଯେ, ଅଲ୍ଲାଃତାଲା କୁହନ୍ତି ଯେ, ଧର୍ମରେ କୌଣସି ଅସୁବିଧା ଅର୍ଥାତ୍ ଏପରି କୌଣସି କ୍ଲୀଷ୍ଟତା ଏବଂ କ୍ରୂରତା ନାହିଁ ଯାହା ମନୁଷ୍ୟର ବିନାଶର କାରଣ ସାଜିବ । ଅତଏବ୍ ସେ ଅର୍ଥାତ୍ ଅଲ୍ଲାଃତାଲା ମନୁଷ୍ୟର ଆବଶ୍ୟକତା ସମୟରେ ଏବଂ ବିପତ୍ତି ଅବସ୍ଥାରେ ନମାଜମାନଙ୍କର ଏକତ୍ର ଏବଂ କସର୍ (ସଂକ୍ଷିପ୍ତ) କରିବା ଆଦେଶ ଦେଇଛନ୍ତି । କିନ୍ତୁ ଏଠାରେ ଆମମାନଙ୍କର ବିଶ୍ୱସ୍ତ ହଦିସ୍‌ରେ 4ଟି ନମାଜ୍ ଏକତ୍ର କରିବାର ଚର୍ଚ୍ଚା ନାହିଁ । ଉକ୍ତ କଥାଟି ଠିକ୍ ହୋଇପାରେ । କିନ୍ତୁ କେଉଁଠି କୌଣସି ବିଶ୍ୱସ୍ତ ହଦିସ୍‌ରେ ଏହାର ଚର୍ଚ୍ଚା ହୋଇ ନାହିଁ ଯେ, 4ଟି ଯାକ ନମାଜ ଆପଣ ସ.ଅ ଏକତ୍ର କରି ପାଠ କରିଥିବେ । ବରଂ ସହି ବୁଖାରୀର ବ୍ୟାଖ୍ୟା ଫତ୍‌ହୁଲ୍ ବାରିରେ ଉଲ୍ଲେଖ ରହିଛି ଯେ, ଘଟଣା କେବଳ ଏତିକି ଥିଲା ଯେ, ଏକ ନମାଜ୍ ଅର୍ଥାତ୍ ସଲାତୁଲ୍ ଅସର୍ (ଅସର୍ ନମାଜ୍) ସବୁ ଦିନିଆ ପରି ସମୟରେ ପାଠ କରାଯାଇ ପାରିଲା ନାହିଁ । "

ଆପଣ ଅ.ସ କୁହନ୍ତି: "ଆପତ୍ତି କର୍ତ୍ତା ଯଦି ଆମ ସମ୍ମୁଖରେ ଉପସ୍ଥିତ ଥାଆନ୍ତେ ତେବେ ଆମେ ଅର୍ଥାତ୍ ମୁଁ (ମସିହ୍ ମଉଦ୍ ଅ.ସ) ସେହି ଆପତ୍ତି କର୍ତ୍ତାକୁ ପଚାରି ଥାଆନ୍ତି ଯେ, ହେ ଆପତ୍ତିକର୍ତ୍ତା ! ଆପଣ ଏହି ବର୍ଣ୍ଣନାଟି କେଉଁଠୁ ସଂଗ୍ରହ କରିଛନ୍ତି? ହ. ମସିହ୍ ମଉଦ୍ କୁହନ୍ତି ଯେ, ମୁଁ ସେହି ଆପତ୍ତିକର୍ତ୍ତାଙ୍କୁ ପଚାରି ଥାଆନ୍ତି ଯେ, ମହାଶୟ ! ତୁମେ ଯଦି ମୋ ସାମ୍ନାରେ ଥାଆନ୍ତ ତେବେ ମୁଁ ତୁମକୁ ପଚାରି ଥାଆନ୍ତି ଯେ, କିପରି ଓ କେଉଁଠୁ ତୁମେ ଏହି ବର୍ଣ୍ଣନାଟି ସଂଗ୍ରହ କରିଛ ? ଆପଣ ଅ.ସ କୁହନ୍ତି: "କ'ଣ ଏହା ସର୍ବ ସମ୍ମତି କ୍ରମ ବର୍ଣ୍ଣନା ଅଛି ଯେ, 4ଟି ଯାକ ନମାଜ୍ ଆପଣ ସ.ଅଙ୍କର ଛାଡ଼ିଯାଇଥିଲା (ରହି ଯାଇଥିଲା) । ଅର୍ଥାତ୍ ଆପଣ ସ.ଅ ନମାଜ ସମ୍ପାଦନ କରିପାରି ନଥିଲେ । ଇସ୍‌ଲାମୀୟ ଧର୍ମ ବିଧାନ ଅନୁଯାୟୀ 4ଟି ନମାଜ୍ ଅର୍ଥାତ୍ ନମାଜେ ଜୋହୋର, ଅସର୍ ମଗରିବ୍ ଓ ଇଶା ଏକତ୍ର କରି ପାଠ କରାଯାଇଥିଲା। ହଁ ଏକ ଦୁର୍ବଳ ବର୍ଣ୍ଣନାରେ ନମାଜ ଜୋହୋର, ଅସର ଏବଂ ମଗ୍‌ରିବ୍ ଓ ଇଶା ଏକତ୍ର କରି ପାଠ କରାଯାଇଥିଲା । କିନ୍ତୁ ଅନ୍ୟ ସଠିକ୍ ହଦିସ ଉକ୍ତ ବର୍ଣ୍ଣନାକୁ ଖଣ୍ଡନ କରନ୍ତି । କେବଳ ଏହା ସିଦ୍ଧ ହୁଏ ଯେ, ଅସର୍ ନମାଜ୍ ଅତ୍ୟନ୍ତ ସ୍ୱଳ୍ପ ତଥା ସୀମିତ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସମୟ ମଧ୍ୟରେ ପାଠ କରାଯାଇଥିଲା ।" **(ନୂରୁଲ୍ କୁରଆନ୍, ସଂଖ୍ୟା-2, ରୁହାନୀ ଖଜାଏନ୍, ଭାଗ-9, ପୃ-390)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଏହା ସ୍ପଷ୍ଟ ଯେ, ସାରା ଦିନର ନମାଜ୍ ଏକତ୍ର କରାଯାଇ ନଥିଲା । ବରଂ ସମୟାଭାବ ହେତୁ ଅସର ନମାଜ ବିଳମ୍ବରେ ପାଠ କରାଯାଇଥିଲା । ମଗରିବକୁ ଆଉ ଅଳ୍ପ ସମୟ ବାକି ରହିଯାଇଥିଲା ଏବଂ ଏହାର ଅନୁଶୋଚନା ମଧ୍ୟ ଆଁହଜରତ ସ.ଅଙ୍କୁ ଥିଲା । ଅର୍ଥାତ୍ ସଠିକ୍ ପନ୍ଥା ଅନୁଯାୟୀ ସହଜରେ ନମାଜ ପାଠ କରାଯାଇ ନଥିଲା । ଅହଜାବ୍ ଯୁଦ୍ଧର ସବିଶେଷ ବିବରଣୀରେ ଉଲ୍ଲେଖ ରହିଛି ଯେ, ଖନ୍ଦକ୍ ଯୁଦ୍ଧ ମୁସଲମାନମାନଙ୍କ ନିମନ୍ତେ ମାଂଶପେଶୀକୁ କ୍ଳାନ୍ତ କରି ପକାଇଥିବା ଯୁଦ୍ଧ ଥିଲା। ଯୁଦ୍ଧ ଭୟ ବ୍ୟତୀତ, ବୁଭୁକ୍ଷୁତା (ଭୋକ ବା କ୍ଷୁଧା) ଏବଂ ଶୀତ ଋତୁର ଭୀଷଣ ମଧ୍ୟ ଚରମ ସୀମାରେ ଥିଲା । ଅନେକ ସମୟ ଧରି ଭୋକିଲା ରହିବାକୁ ପଡୁଥିଲା । ଇତି ମଧ୍ୟରେ ଏକ ଆଦୃଷ୍ଟ ସାହାଯ୍ୟ ଏହିପରି ହେଲା ମୁସଲମାନମାନଙ୍କର ଏକ ସଶସ୍ତ୍ର ସୈନ୍ୟ ବାହିନୀ ନିଜର ଆତ୍ମୀୟକୁ କବର ଦେବା ନିମନ୍ତେ ଯାଉଥିଲା । ଏହି ସୈନ୍ୟ ବାହିନୀକୁ ଓଟ ଉପରେ ଶସ୍ୟ ଲଦା ହୋଇଥିବାର ମିଳିଲା । ଅର୍ଥାତ୍ ଉକ୍ତ ଓଟ ବନୁ କୁରୈଜା ସଂପ୍ରଦାୟ ଅଭିମୁଖେ ଜିନିଷ ପହଞ୍ଚାଇବା ପାଇଁ ମକ୍କାର ଥିବା କୁରୈଶମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଯାଉଥିଲା । ଉକ୍ତ ଶସ୍ୟବୀଜ ହୁୟଇ ବିନ୍ ଅଖ୍ତବ୍‌ର ସୁପାରିଶ କ୍ରମେ ଏବଂ ବିଶେଷ ଉଦ୍ୟମ ଦ୍ୱାରା ପ୍ରେରଣ କରାଯାଉଥିଲା। ଏକ ଛୋଟିଆ ସଂଘର୍ଷ ପରେ ଏହି ସମସ୍ତ ଓଟକୁ ମୁସଲମାନମାନେ ଅଧିକାର କରିନେଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥାପିତ କଲେ । ଖନ୍ଦକ୍ (ଗର୍ତ୍ତ)ବାସୀମାନେ ତହିଁରୁ ଅର୍ଥାତ୍ ଓଟ ଉପରେ ଲଦା ହୋଇଥିବା ଶସ୍ୟ ମଧ୍ୟରୁ ଆହାର ସେବନ କଲେ ଏବଂ ଓଟମାନଙ୍କ ମଧ୍ୟରୁ ଗୋଟିଏ ଦୁଇଟି ଓଟ ଜେବହ୍ କଲେ । ଆଉ କିଛି ଓଟମାନେ ରହିଗଲେ । ସେହି ଓଟମାନଙ୍କୁ ଯୁଦ୍ଧ ସମାପ୍ତ ହେବା ପରେ ମୁସଲମାନମାନେ ମଦିନାକୁ ନେଇଗଲେ । କୁରୈଶମାନଙ୍କର ସେନାପତି ଅବୁ ସୁଫିୟାନ୍‌କୁ ଯେତେବେଳେ ଉକ୍ତ ଘଟଣାର ସୂଚନା ମିଳିଲା ସେତେବେଳେ ସେ କହିଲା, ହୁୟଇ ବିନ୍ ଅଖ୍ତବ୍ କେଡ଼େ ଆଶୁଭ ଓ ଅଲକ୍ଷଣା ବ୍ୟକ୍ତି ସିଦ୍ଧ ହେଲା । ବର୍ତ୍ତମାନ ଆମେ ଯେତେବେଳେ ଫେରିବାକୁ ଯାଉଛୁ ସେତେବେଳେ ଆମ ନିକଟରେ ନିଜର ଜିନିଷ ପତ୍ର ଲଦିବା ନିମନ୍ତେ କୌଣସି ଜୀବ ଅର୍ଥାତ୍ ଓଟ ମଧ୍ୟ ଆଉ ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-382, ଦାରୁଲ୍ କୁତୁବୁଲ୍ ଇଲମିୟାହରୁ ଉଦ୍ଧୃତ)**

ଯୁଦ୍ଧାବସ୍ଥାରେ ଏହା ଉଚିତ୍ ଥିଲା । ଅର୍ଥାତ୍ ଅବିଶ୍ୱାସକାରୀମାନେ ଯେପରି ମୁସଲମାନମାନଙ୍କୁ ଖନ୍ଦକ୍ ଠାରେ ଘେରିଥିଲେ । ଠିକ୍ ସେହିପରି ମୁସଲମାନମାନେ ମଧ୍ୟ ଅବିଶ୍ୱାସକାରୀମାନଙ୍କୁ ଘେରିଥିଲେ । ଉକ୍ତ ଗୋଷ୍ଠୀ ସଂଘର୍ଷରେ ଅର୍ଥାତ୍ ମୁସଲମାନ ଏବଂ ଅବିଶ୍ୱାସକାରୀଙ୍କ ମଧ୍ୟରେ ରାସନ (ଆହାର) ନିମନ୍ତେ ଯେଉଁ ସଂଘର୍ଷର ସୂତ୍ରପାତ ହୋଇଥିଲା ତାହା ସଂପୂର୍ଣ୍ଣ ରୂପେ ଯୁକ୍ତିଯୁକ୍ତ ଓ ସମୀଚୀନ ଥିଲା। ରସୁଲୁଲ୍ଲାଃ ସ.ଅ ଯେତେବେଳେ ଅହଜାବ୍ ଯୁଦ୍ଧରେ ଅବିଶ୍ୱାସକାରୀଙ୍କ ଉପରେ ଯେଉଁ ଅଭିଶାପ ପକାଇଥିଲେ ସେହି ଅଭିଶାପ ସଂପର୍କରେ ଏହିପରି ଚର୍ଚ୍ଚା ମିଳେ ଯେ, ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ସୋମବାର, ମଙ୍ଗଳବାର ଏବଂ ବୁଧବାର ଦିନ ଜୋହର୍ ଓ ଅସର୍ ମଧ୍ୟବର୍ତ୍ତୀ ସମୟରେ ଆସିଲେ ଏବଂ ନିଜ ଉପରେ ଏକ ଚଦର ପକାଇଲେ ଓ ଛିଡ଼ା ହୋଇ ଆପଣ ସ.ଅ ହାତକୁ ପରକୁ ଉଠାଇଲେ । ଆପଣ ସ.ଅ ହାତ ଉଠାଇ ଅହଜାବ୍ ଯୁଦ୍ଧରେ ଥିବା ଅବିଶ୍ୱାସକାରୀମାନଙ୍କ ଉପରେ ଅଭିଶାପ ପକାଇଲେ ।

ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଆପଣ ସ.ଅଙ୍କ ମୁଖମଣ୍ଡଳର ଆନନ୍ଦ ଦେଖି ଚିହ୍ନି ନେଲୁ ଯେ, ଆପଣ ସ.ଅ ଅତି ପ୍ରସନ୍ନ ଅଛନ୍ତି । ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ଔଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଅହଜାବ୍ ଠାରେ ଥିବା ଅବିଶ୍ୱାସକାରୀଙ୍କ ଉପରେ ଅଭିଶାପ ପକାଇଥିଲେ ।

ଅବୁ ନୁଐମ୍ ତହିଁରେ ଏହି ଅତିରିକ୍ତ କଥା ବର୍ଣ୍ଣନା କରିଛନ୍ତି ଯେ, ଆପଣ ସ.ଅ ଅପେକ୍ଷା କଲେ ଓ ଯେତେବେଳେ ସୂର୍ଯ୍ୟାସ୍ତ ହୋଇଗଲା ସେତେବେଳେ ଆପଣ ସ.ଅ ଲୋକମାନଙ୍କ ମଧ୍ୟରେ ଛିଡ଼ା ହେଲା ଏବଂ କହିଲେ, ହେ ଲୋକମାନେ ! ତୁମେମାନେ ଶତ୍ରୁ ସହିତ ସଂଘର୍ଷ ଏବା ମୁହାଁମୁହିଁ ହେବାକୁ ଆଦୌ କାମନା କର ନାହିଁ । ତୁମେମାନେ ଅଲ୍ଲାଃତାଲାଙ୍କ ଠାରୁ ମଙ୍ଗଳ କାମନା କର । ଆଉ ଯଦି ଶତ୍ରୁ ସହିତ୍ ତୁମେମାନେ ମୁହାଁମୁହିଁ ହୁଅ ତେବେ ସେପିରପ୍ରେକ୍ଷୀରେ ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କର । ତୁମେମାନେ ଏହା ଜାଣିରଖ କି ବୈକୁଣ୍ଠ ତୁମମାନଙ୍କର ଛାୟା ତଳେ ରହିଛି ।

ଆପଣ ସ.ଅ କହିଲେ, اَللّٰهُمَّ مُنْزِلَ الْكِتٰبِ سَرِيْعَ الْحِسَابِ اِهْزِمِ الْاَحْزَابَ اَللّٰهُمَّ اهْزِمْهُمْ وَانْصُرْنَا عَلَيْهِمْ ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ତୁମ୍ଭକୁ ତୁମ୍ଭର ପ୍ରତିଶ୍ରୁତି ଓ ଅଙ୍ଗୀକାରର ଦ୍ୱାହି ଦେଇ କହୁଛି ଯେ, ହେ ପ୍ରଭୁ ! ତୁମ୍ଭେ ଯଦି ଚାହଁ ତେବେ ତୁମ୍ଭର ଏହି ଉପାସନା କରାଯିବ ନାହିଁ । ହ. ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଆଁହଜରତ୍ ସ.ଅଙ୍କୁ କହିଲୁ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତୁଣ୍ଡ ପାଖକୁ କଳିଜା ଆସିଯାଇଛି । ଆମମାନଙ୍କର ଅତ୍ୟନ୍ତ ଦୟନୀୟ ସ୍ଥିତି ହୋଇଯାଇଛି ଓ ଆମମାନଙ୍କର ଦୁର୍ଦ୍ଦଶାବସ୍ଥା ହୋଇଯାଇଛି । ତେଣୁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କ ନିମନ୍ତେ ଏପରି କିଛି ପ୍ରାର୍ଥନା ରହିଛି କି ଆମେମାନେ ପ୍ରାର୍ଥନା କରିବୁ। ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ସାହାବାଗଣ ! ତୁମେମାନେ କୁହ اَللّٰهُمَّ اسْتُرْ عَوْرَاتِنَا وَآمِنْ رَوْعَاتِنَا ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ଆମମାନଙ୍କର ଦୋଷ ଦୁର୍ବଳତାକୁ ଲୁଚାଇ ଦିଅ ଏବଂ ଆମ୍ଭମାନଙ୍କର ଭୟକୁ ଦୂର କରିଦିଅ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, "କେତେକ ମୁସଲମାନମାନେ ବ୍ୟସ୍ତ ବିବ୍ରତ ଓ ଉଦ୍‌ବିଗ୍ନ ହୋଇ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସ୍ଥିତି ଅତ୍ୟନ୍ତ ସଙ୍ଗୀନ ଓ ଭୟାବହ ହୋଇଯାଇଛି । ବର୍ତ୍ତମାନ ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ମଦିନାକୁ ଆଉ ନିସ୍ତାର ନାହିଁ । ଆପଣ ଏହି ମୁହୂର୍ତ୍ତରେ ହିଁ ଈଶ୍ୱରଙ୍କ ନିକଟରେ ବିଶେଷ ରୂପେ ପ୍ରାର୍ଥନା କରନ୍ତୁ ଏବଂ ଆମମାନଙ୍କୁ କିଛି ଦୁଆ ଶିଖାନ୍ତୁ । ସେହି ଦୁଆକୁ ପାଠ କରିବା ଦ୍ୱାରା ଆମମାନଙ୍କ ଉପରେ ଅଲ୍ଲାଃତାଲାଙ୍କ କୃପାବତୀର୍ଣ୍ଣ ହେବ । ଆପଣ ସ.ଅ କହିଲେ, ହେ ସାହାବାମାନେ ତୁମେ ବିବ୍ରତ ଏବଂ ଉଦ୍‌ବିଗ୍ନ ହୁଅ ନାହିଁ । ତୁମେମାନେ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ କର କି ତୁମମାନଙ୍କର ଦୋଷ ଦୁର୍ବଳତାକୁ ସେ (ଅଲ୍ଲାଃତାଲା) ଲୁଚାଇ ଦେବେ ଏବଂ ତୁମମାନଙ୍କର ହୃଦୟକୁ ସେ ଦୃଢ଼ କରିଦେବେ । ଈଶ୍ୱର ତୁମମାନଙ୍କର ବ୍ୟସ୍ତ ବିବ୍ରତାବସ୍ଥା ଏବଂ ଉଦ୍‌ବିଗ୍ନତାକୁ ଦୂରୀଭୂତ କରିଦେବେ ଏବଂ ପୁନଶ୍ଚ ଆପଣ ସ.ଅ ସ୍ୱୟଂ ମଧ୍ୟ ଏହିପରି ଦୁଆ କଲେ ଯେ, اَللّٰهُمَّ مُنْزِلَ الْكِتٰبِ سَرِيْعَ الْحِسَابِ اِهْزِمِ الْاَحْزَابَ اَللّٰهُمَّ اهْزِمْهُمْ وَزَلْزِلْهُمْ ଅର୍ଥାତ୍ ହେ ଅଲ୍ଲାଃ! ପବିତ୍ର ଗ୍ରନ୍ଥ ଅବତୀର୍ଣ୍ଣକାରୀ ଈଶ୍ୱର, ତୁମ୍ଭେ ଶତ୍ରୁ ମାନଙ୍କ ଠାରୁ ତୁରନ୍ତ ହିସାବ ନିଅ ଏବଂ ସେମାନଙ୍କୁ ପରାସ୍ତ କରିଦିଅ । ହେ ଈଶ୍ୱର ! ସେମାନଙ୍କୁ ପରାସ୍ତ କରି ଦୋହୋଲାଇ ଦିଅ ।" ସେହିପରି ଆପଣ ସ.ଅ ଏହି ଦୁଆ ମଧ୍ୟ କଲେ:

يَا صَرِيْخَ الْمَكْرُوْبِيْنَ يَا مُجِيْبَ الْمُضْطَرِّيْنَ
اِكْشِفْ هَمِّيْ وَغَمِّيْ وَكَرْبِيْ
فَاِنَّكَ تَرٰى مَا نَزَلَ بِيْ وَبِاَصْحَابِيْ۔

ଅର୍ଥାତ୍ ହେ ଅଲ୍ଲାଃ ! ଯେଉଁ ସତ୍ତା ମୋ ଉପରେ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ କରିଛନ୍ତି, ଯିଏ ଶୀଘ୍ର ନିଜ ଭକ୍ତମାନଙ୍କ ଠାରୁ ହିସାବ ନେଇ ପାରିବେ । ହେ ପ୍ରଭୁ! ଉକ୍ତ ବିରୋଧୀ ଗୋଷ୍ଠୀ ଏକତ୍ରିତ ହୋଇ ମାଡ଼ି ଆସୁଛନ୍ତି, ତୁମ୍ଭେ ସେମାନଙ୍କୁ ପରାସ୍ତ କରିଦିଅ । ହେ ଅଲ୍ଲାଃ ! ମୁଁ ତୁମ୍ଭ ନିକଟରେ ଏହି ଗୁହାରି ତଥା ଆକୁଳ ନିବେଦନ କରୁଛି ଯେ, ତୁମ୍ଭେ ସେମାନଙ୍କୁ ପାରସ୍ତ କରିଦିଅ । ତୁମ୍ଭେ ସେମାନଙ୍କୁ ପରାସ୍ତ କରିଦିଅ ଓ ସେମାନଙ୍କ ଉପରେ ଆମମାନଙ୍କୁ ବିଜୟ ପ୍ରଦାନ କର । ସେମାନଙ୍କ ମନ୍ତ୍ରଣା ଏବଂ କୁଉଦ୍ଦେଶ୍ୟକୁ ପଣ୍ଡ କରିଦିଅ । ହେ ପୀଡ଼ିତମାନଙ୍କର ପ୍ରାର୍ଥନାକୁ ସ୍ୱୀକାର କର୍ତ୍ତା ଈଶ୍ୱର ! ହେ ଉଦ୍‌ବିଗ୍ନ ଏବଂ ବିବ୍ରତାବସ୍ଥାରେ ଗ୍ରସ୍ତ ଲୋକମାନଙ୍କର ଆର୍ତ୍ତନାଦକୁ ସ୍ୱୀକାର କରୁଥିବା ଈଶ୍ୱର !

ହୁଜୁର ଅନୱର୍ ଅ.ବ କହିଲେ ଉପରୋକ୍ତ ମୂଳ ଆରବିକ ପଂକ୍ତିମାନଙ୍କର ଅନୁବାଦ ଏହିପରି: "ହେ ଦୁଃଖୀମାନଙ୍କର ଦୁଃଖକୁ ଶୁଣୁଥିବା ଈଶ୍ୱର ! ହେ ବିବ୍ରତ ଏବଂ ଉଦ୍‌ବିଗ୍ନ ଅବସ୍ଥାରେ ପିଡ଼ୀତ ଲୋକମାନଙ୍କର ଡାକ ଶୁଣୁଥିବା ଈଶ୍ୱର ! ତୁମ୍ଭେ ମୋର ଦୁଃଖ ଏବଂ ଚିନ୍ତା ଓ ମୋର ଉଦ୍‌ବିଗ୍ନତାକୁ ଦୂର କରିଦିଅ । କାରଣ ତୁମ୍ଭେ ହିଁ ଉକ୍ତ ବିପତ୍ତିକୁ ଜାଣ । ଅର୍ଥାତ୍ ମୋ ଉପରେ ଏବଂ ମୋ ସାଥିମାନଙ୍କ ଉପରେ ଯେଉଁ ବିପତ୍ତି ଅବତୀର୍ଣ୍ଣ ହୋଇଛି ସେହି ବିପତ୍ତି ସଂକ୍ରାନ୍ତରେ ତୁମ୍ଭକୁ ଜ୍ଞାତ ଅଟେ।"**(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-275)**

ଇତିହାସରେ ଉଲ୍ଲେଖ ରହିଛି ଯେ, ଯୁଦ୍ଧ ଚରମ ସୀମାକୁ ପହଞ୍ଚିଯାଇଥିଲା ଏବଂ ମକ୍କାର କୁରୈଶମାନେ ଓ ସେମାନଙ୍କର ମିତ୍ର ସଂପ୍ରଦାୟମାନେ ଦୀର୍ଘ ଦିନର ଘେରାଉ କରି ଅତିଷ୍ଠ ହୋଇ ଯାଇଥିଲେ । ତେଣୁ ସେମାନେ ଶୀଘ୍ରାତିଶୀଘ୍ର ଚୂଡ଼ାନ୍ତ ପ୍ରହାର କରି ମୁସଲମାନମାନଙ୍କର କାମ ତମାମ କରିଦେବା ନିମନ୍ତେ ଉଦ୍‌ଗ୍ରୀବ ଓ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଉତ୍ସୁକ ଥିଲେ । କାରଣ ଯୁଦ୍ଧ ଦୃଷ୍ଟିକୋଣରୁ ମୁସଲମାନମାନେ ଯେଭଳି ଭାବରେ ଚତୁର୍ପାର୍ଶ୍ୱରୁ ଘେରି ହୋଇ ରହିଥିଲେ ଏବଂ ବନୁ କୁରୈଜା ସଂପ୍ରଦାୟର ମିତ୍ରମାନେ ଯେଭଳି ଭାବରେ ମଦିନାରେ ଉପସ୍ଥିତ ଥିଲେ ଏହି ସମସ୍ତ କର୍ମକର୍ତ୍ତାମାନେ ଅବିଶ୍ୱାସକାରୀମାନଙ୍କର ଆଶା ଏବଂ ସେମାନଙ୍କର ଉତ୍ସାହକୁ ବୃଦ୍ଧି କରିବା ନିମନ୍ତେ ଯଥେଷ୍ଟ ଥିଲେ । ବର୍ତ୍ତମାନ ଏମାନେ ଏହା ଚାହୁଁଥିଲେ ଯେ, ସେମାନେ ସମସ୍ତେ ମିଶି ଏକା ସାଙ୍ଗରେ ଆକ୍ରମଣ କରିଦେବେ ଏବଂ ମଦିନାକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେବେ। ଗୋଟିଏ ପକ୍ଷରେ ଅବିଶ୍ୱାସକାରୀମାନଙ୍କର ଅଧିପତିମାନେ ଏହି ଯୋଜନା ପ୍ରସ୍ତୁତ କରୁଥିଲେ ଯେ, ସେମାନେ ସମସ୍ତ ମିଶି ସହସା ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେବେ । ଅନ୍ୟ ପକ୍ଷରେ ଅଲ୍ଲାଃତାଲାଙ୍କର ଯୋଜନା ଏବଂ ପନ୍ଥା କ'ଣ ରହିଥିଲା ? ଅର୍ଥାତ୍ ବିଧାତା ନିଜର କାର୍ଯ୍ୟ କରୁଥିଲା । ବିଧି ଉକ୍ତ ଯୋଜନା ଉପରେ ହାସ୍ୟ ପ୍ରକାଶ କରେ ଯେ, ଦେଖ ମୁଁ ତୋ ସହିତ କ'ଣ ବ୍ୟବହାର ପ୍ରଦର୍ଶନ କରିବି ? ଅର୍ଥାତ୍ ବିଧିର ବିଧାନ ବା ଭାଗ୍ୟ ଠାରୁ କେହି ବି ପଳାୟନ କରିପାରିବ ନାହିଁ । ପୁନଶ୍ଚ ଭାଗ୍ୟ ଏବଂ ବିଧି ଅନୁଯାୟୀ ଅଲ୍ଲାଃତାଲା ଏକ ଆଦୃଷ୍ଟ ସାହାଯ୍ୟ ପ୍ରାରମ୍ଭ କରିଦେଲେ ।

ହୁଜୁର ଅନ୍ୱର୍ ଅ.ବ କହିଲ, ଉପରୋକ୍ତ ଘଟଣାବଳୀ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ବର୍ଣ୍ଣନା କରି ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉଲ୍ଲେଖ କରିଛନ୍ତି ଯେ, ଦିନେ ନୁଐମ୍ ବିନ୍ ମସ୍‌ଉଦ୍ ନାମକ ଜନୈକ ବ୍ୟକ୍ତି ଯେକି ଗତ୍‌ଫାନ୍ ସଂପ୍ରଦାୟର ଶାଖା ଅଶ୍‌ଯାଅ ସଂପ୍ରଦାୟ ସହିତ ସଂପର୍କ ରଖିଥିଲା ଏବଂ ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ବିରୁଦ୍ଧରେ ଯୁଦ୍ଧ କରୁଥିଲା ସେହି ସଂପ୍ରଦାୟ ମଦିନା ପର୍ଯ୍ୟନ୍ତ ପହଞ୍ଚିଗଲା । ଉକ୍ତ ବ୍ୟକ୍ତି ଜଣକ ମନରୁ ମୁସଲମାନ ହୋଇ ସାରିଥିଲା । କିନ୍ତୁ ଅବିଶ୍ୱାସକାରୀମାନଙ୍କୁ ଏଯାବତ୍ ନୁଐମ୍ ବିନ୍ ମସ୍‌ଉଦ୍‌ର ମୁସଲମାନ ହେବା ସଂକ୍ରାନ୍ତରେ ସୂଚନା ମିଳି ନଥିଲା । ଉକ୍ତ ଅବସ୍ଥାରୁ ଲାଭାନ୍ୱିତ ହୋଇ ସେ ଅତ୍ୟନ୍ତ ଚତୁରତାର ସହିତ ଏପରି ପନ୍ଥା ଅବଲମ୍ବନ କଲା ଯେ, ସେହି ପନ୍ଥା ଦ୍ୱାରା ଅବିଶ୍ୱାସକାରୀମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଗଲା। ସର୍ବ ପ୍ରଥମେ ନୁଐମ୍ ବିନ୍ ମସ୍‌ଉଦ୍ ବନୁ କୁରୈଜା ସଂପ୍ରଦାୟ ପାଖକୁ ଗଲା । ବନୁ କୁରୈଜା ସଂପ୍ରଦାୟ ସହିତ ନୁଐମ୍ ବିନ୍ ସାଆଦ୍‌ର ପୁରୁଣା ସଂପର୍କ ଥିଲା । ସେ ବନୁ କୁରୈଜା ସଂପ୍ରଦାୟର ଅଧିପତିମାନଙ୍କୁ ସାକ୍ଷାତ୍ କରି କହିବାକୁ ଲାଗିଲା ଯେ, ମୋ ବିଚାରରେ ତୁମେମାନେ ଭଲ କଲ ନାହିଁ ଯେ, ମୁହମ୍ମଦ ସ.ଅଙ୍କ ସହିତ ତୁମେମାନେ ଚୁକ୍ତିଭଙ୍ଗ କରି କୁରୈଶ୍ ଏବଂ ଗତ୍‌ଫାନ ସଂପ୍ରଦାୟ ସହିତ ମିଶିଯାଇଛ। କୁରୈଶ୍‌ମାନେ ଏବଂ ଗତ୍‌ଫାନ୍ ସଂପ୍ରଦାୟ ଏଠାରେ ମଦିନାରେ କିଛି ଦିନର ଅତିଥି ଅଟନ୍ତି । କିନ୍ତୁ ସେ ଯାହା ହେଉ ତୁମେମାନେ ତ' ଏଠାରେ ରହିବ । କାରଣ ଏହା ତୁମର ମାତୃଭୂମି ଅଟେ । ଏଠାରେ ମୁସଲମାନମାନଙ୍କ ସହିତ ରହିବ ଓ ତୁମମାନେ ନିତିଦିନ ସେମାନଙ୍କର ମୁହଁ ଚାହିଁବ । ତୁମେମାନେ ଏକଥା ମନେରଖ ଯେ, କୁରୈଶ୍ ଓ ଅନ୍ୟ ସଂପ୍ରଦାୟମାନେ ଏଠାରୁ ପ୍ରସ୍ଥାନ କରିବା ପରେ କେହି ତୁମର ଯତ୍ନ ନେବ ନାହିଁ କି କେହି ତୁମର ଅବସ୍ଥା ପଚାରି ବୁଝିବେ ନାହିଁ । ସେହି କୁରୈଶ୍‌ମାନେ ତୁମମାନଙ୍କୁ ମୁସଲମାନମାନଙ୍କ ଦୟାରେ ଛାଡ଼ି ଚାଲିଯିବେ । ତେଣୁ ତୁମେମାନେ ଅନ୍ତତଃ ଏପରି କର କି କୁରୈଶ ଏବଂ ଗତ୍‌ଫାନ୍ ସଂପ୍ରଦାୟକୁ କୁହ କି ତୁମେମାନେ ପ୍ରତିଭୂତି ବା ସୁରକ୍ଷା ସ୍ୱରୂପ ନିଜର କେତେକ ଲୋକ ତୁମମାନଙ୍କୁ ହସ୍ତାନ୍ତର କରିଦିଅନ୍ତୁ । ତୁମେମାନେ ନିଶ୍ଚିନ୍ତ ରହିବ ଯେ, ତୁମ ସହିତ କୌଣସି ବିଶ୍ୱାସଘତକତା ହେବ ନାହିଁ । ବନୁ କୁରୈଜା ସଂପ୍ରଦାୟର ଅଧିପତିମାନେ ନୁଐମର ଉପରୋକ୍ତ କଥାକୁ ବୁଝିନେଲେ ଏବଂ ସେମାନେ ଉକ୍ତ କଥା ନିମନ୍ତେ ପ୍ରସ୍ତୁତ ହୋଇଗଲେ ଯେ, ସେମାନେ କୁରୈଶ୍ ଠାରୁ ସୁରକ୍ଷା ତଥା ପ୍ରତିଭୂତି ମାଗନ୍ତୁ। କାରଣ ପରେ ସେମାନଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ଯେପରି ହେବାକୁ ପଡୁ । ଏତଦ୍‌ପରେ ନୁଐମ୍ ବିନ୍ ମସ୍‌ଉଦ୍ କୁରୈଶ୍‌ର ଅଧିପତିମାନଙ୍କ ଆଡ଼କୁ ଗଲା ଏବଂ ଯାଇ କହିବାକୁ ଲାଗିଲା ଯେ, ବନୁ କୁରୈଜା ସଂପ୍ରଦାୟ ଡ଼ରି ଯାଇଛନ୍ତି । (ଅର୍ଥାତ୍ ତୁମେମାନେ ଚାଲିଯିବା ପରେ ସେମାନଙ୍କୁ ବିପତ୍ତିର ସମ୍ମୁଖୀନ ନହେବାକୁ ପଡୁ ଯେପରିର) ଅତଃ ସେମାନେ ତୁମମାନଙ୍କର ଏହି ଏକାଠି ରହିବାର ଅର୍ଥାତ୍ ତୁମମାନଙ୍କ ସହିତ ମିଶିବାରେ ଦ୍ୱନ୍ଦ୍ୱ ପ୍ରକାଶ କରୁଛନ୍ତି । ସେମାନେ ପ୍ରତିଭୂତି ସ୍ୱରୂପ ତୁମମାନଙ୍କ ଠାରୁ କିଛି ସୁରକ୍ଷା ଚାହୁଁଛନ୍ତି । କିନ୍ତୁ ତୁମେମାନେ ସେମାନଙ୍କୁ କଦାପି ପ୍ରତିଭୂତି ଯୋଗାଇ ଦେବ ନାହିଁ । ଏପରି ନହେଉ ଯେ,ସେମାନେ ତୁମ ସହିତ ବିଶ୍ୱାସଘତକତା କରି ତୁମର ପ୍ରତିଭୂତିକୁ ମୁସଲମାନମାନଙ୍କୁ ହସ୍ତାନ୍ତର କରିଦେବେ ଇତ୍ୟାଦି ଇତ୍ୟାଦି । ସେହିପରି ସେ ନିଜର ଗତ୍‌ଫାନ୍ ସଂପ୍ରଦାୟ ପାଖକୁ ଯାଇ ଏହି ପ୍ରକାରର କଥା କହିଲା । ବର୍ତ୍ତମାନ ଈଶ୍ୱରଙ୍କ ପକ୍ଷରୁ ଏପରି ସଂଯୋଗ ହେଲା ଯେ, କୁରୈଶ ଓ ଗତ୍‌ଫାନ୍ ସଂପ୍ରଦାୟମାନେ ପୂର୍ବରୁ ହିଁ ଏହି ପ୍ରସ୍ତାବ ଦେଇଥିଲେ ଯେ, ମୁ ସଲମାନମାନଙ୍କ ଉପରେ ମିଳିତ ଭାବରେ ଆକ୍ରମଣ କରାଯାଉ ଏବଂ ଏହି ଆକ୍ରମଣ ଚତୁର୍ଦିଗରୁ ଏକ ସମୟରେ କରାଯାଉ । କାରଣ ମୁସଲମାନମାନେ ନିଜର ସ୍ୱଳ୍ପ ସଂଖ୍ୟା ଯୋଗୁଁ ଏହି ଆକ୍ରମଣର ମୁକାବିଲା କରିବାକୁ ସକ୍ଷମ ହୋଇ ନପାରନ୍ତୁ ଓ କୌଣସି ନା କୌଣସି ସ୍ଥାନରେ ସେମାନଙ୍କର ଧାଡ଼ି ଭାଙ୍ଗିଯାଉ ଓ ସେମାନେ ଆକ୍ରମଣକାରୀଙ୍କୁ ବାଟ ଛାଡ଼ି ଦିଅନ୍ତୁ । ଏହି ଉଦ୍ଦେଶ୍ୟ ଅନୁଯାୟୀ ସେମାନେ ବନୁ କୁରୈଜା ସଂପ୍ରଦାୟକୁ ଖବର ପଠାଇଲେ ଘେରାଉର ଅବଧି ବୃଦ୍ଧି ପାଉଛି ଏବଂ ଲୋକମାନେ ଅତିଷ୍ଠ ହୋଇଗଲେଣି । ବହୁତ ହଇରାଣ ହେଉଛନ୍ତି ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଆମେମାନେ ଏହି ପ୍ରସ୍ତାବ ଦେଇଛୁ ଯେ, ସମସ୍ତ ସଂପ୍ରଦାୟମାନେ ମିଶି କାଲି ଏକତ୍ର ଭାବରେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବୁ । ଅତଏବ ତୁମେମାନେ ମଧ୍ୟ କାଲିର ଆକ୍ରମଣ ନିମନ୍ତେ ପ୍ରସ୍ତୁତ ହଇଯାଅ। ବନୁ କୁରୈଜା ସଂପ୍ରଦାୟ ଯାହା ସହିତ ନୁଐମ୍ ବିନ୍ ମସ୍‌ଉଦ୍‌ର ପୂର୍ବରୁ କଥାବାର୍ତ୍ତା ହୋଇ ସାରିଥିଲା । ସେ ଏହି ଉତ୍ତର ଦେଲା ଯେ, ହେ କୁରୈଶ୍‌ମାନେ ଓ ଅନ୍ୟ ସଂପ୍ରଦାୟମାନେ କାଲି ଆମମାନଙ୍କର ସବତ୍ (ସପ୍ତାହର ଶେଷ ଦିନ ଛୁଟି ଦିନ) ର ଦିନ ଅଛି ତେଣୁ ତୁମେମାନେ ଆମମାନଙ୍କୁ କ୍ଷମା କରିଦେବ ଆମେମାନେ କାଲି ଯୁଦ୍ଧ ଓ ଆକ୍ରମଣ କରିପାରିବୁ ନାହିଁ । ତୁମେମାନେ ପ୍ରତିଭୂତି ତଥା ସୁରକ୍ଷା ସ୍ୱରୂପ ନିଜର କିଛି ଲୋକଙ୍କୁ ଆମମାନଙ୍କ ଆଡ଼କୁ ପ୍ରେରଣ କରିଦେଇ ନାହଁ ସେପର୍ଯ୍ୟନ୍ତ ଆମେମାନେ ଜାଣିବୁ ଯେ, ତୁମେମମାନେ ଆମ ସହିତ ବିଶ୍ୱାସଘାତକତା ପ୍ରଦର୍ଶ କରିବ ନାହିଁ । ଅତଏବ୍ ତୁମେମାନେ ଯେପର୍ଯ୍ୟନ୍ତ ନିଜର କିଛି ଲୋକଙ୍କୁ ଆମମାନଙ୍କୁ ହସ୍ତାନ୍ତର କରିଦେଇ ନାହଁ ସେପର୍ଯ୍ୟନ୍ତ ଆମେମାନେ ଉକ୍ତ ଆକ୍ରମଣରେ ସାମିଲ୍ ହୋଇପାରିବୁ ନାହିଁ । କୁରୈଶ୍‌ମାନଙ୍କୁ ଯେତେବେଳେ ବନୁ କୁରୈଜା ସଂପ୍ରଦାୟର ଉକ୍ତ ଉତ୍ତର ମିଳିଲା ସେତେବେଳେ ସେମାନେ ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ କହିବାକୁ ଲାଗିଲେ ଯେ, ପ୍ରକୃତରେ ନୁଐମ୍ ଯାହା କହୁଥିଲା ତାହା ସତ୍ୟ ଅଟେ । ଅର୍ଥାତ୍ ବନୁ କୁରୈଜା ସଂପ୍ରଦାୟ ଆମମାନଙ୍କ (ବିଶ୍ୱାସକାରୀଙ୍କ) ସହିତ ବିଶ୍ୱାସଘତକତା କରିବାରେ ମାତିଛନ୍ତି । ଅନ୍ୟ ପଟରେ ବନୁ କୁରୈଜା ସଂପ୍ରଦାୟକୁ ଯେତେବେଳେ କୁରୈଶ୍ ଓ ଗତ୍‌ଫାନ ସଂପ୍ରଦାୟ ପକ୍ଷରୁ ଏହି ଉତ୍ତର ମିଳିଲା ଯେ, ସେମାନେ ପ୍ରତିଭୂତି ଓ ସୁରକ୍ଷା ଦେବେ ନାହିଁ । କୁରୈଶ ଓ ବନୁ ଗତ୍‌ଫାନ ସଂପ୍ରଦାୟ କହିଲେ ହେ ବନୁ କୁରୈଜା ସଂପ୍ରଦାୟ ତୁମେମାନେ ଆମମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସେମିତି ଆସିବ ତ' ଆସ । ଆମେମାନେ କୌଣସି ପ୍ରତିଭୂତି ତଥା ସୁରକ୍ଷା ତୁମମାନଙ୍କୁ ଦେଇ ପାରିବୁ ନାହୁଁ । ଅତଏବ୍ ବନୁ କୁରୈଜା ସଂପ୍ରଦାୟ କହିଲା, ବାସ୍ତବରେ ନୁଐମ୍ ଆମମାନଙ୍କୁ ଯେଉଁ ପରାମର୍ଶ ଦେଇଥିଲା ତାହା ଏକ୍‌ଦମ୍ ଠିକ୍ ଥିଲା । କୁରୈଶ୍ ଓ ବନୁ ଗତ୍‌ଫାନ୍ ସଂପ୍ରଦାୟର ଉଦ୍ଦେଶ୍ୟ କିଛି ଠିକ ଜଣାପଡୁ ନାହିଁ । ଏହିପରି ଭାବରେ ନୁଐମ୍‌ର ଉତ୍ତମ ଉପାୟ ଏବଂ ଯୋଜନା ବଳରେ ଅବିଶ୍ୱାସକାରୀଙ୍କ ଶିବିରରେ ଫାଟ ଏବଂ ମତଭେଦ ଭଳି ଅବସ୍ଥା ଓ ପରିସ୍ଥିତି ଦେଖାଦେଲା । ଉଭୟେ ଉଭୟଙ୍କ ଉପରେ ସନ୍ଦେହ କରିବାକୁ ଲାଗିଲେ। ଏହା ହେଉଛି ସେହି ପନ୍ଥା ଯାହାକୁ ନୁଐମ୍ ଅବଲମ୍ବନ କରିଥିଲା । କିନ୍ତୁ ନୁଐମ୍‌ର ଏତେ ଅଭିଜ୍ଞ ବ୍ୟକ୍ତି ଥିଲା ଯେ, ସେ ଏହିଭଳି ମିଶନକୁ ସମ୍ପାଦନ କରିବା ନିମନ୍ତେ ମଧ୍ୟ ଯଥାସମ୍ଭବ ରୂପେ ଏପରି କୌଣସି କଥା ନିଜ ତୁଣ୍ଡରୁ ବାହାର କରରିଲା ନାହିଁ ଯାହା ସଠିକ୍ ରୂପେ ମିଥ୍ୟା କଥନ ବୋଲି ଅଭିହିତ କରାଯାଇ ପାରିବ ନାହିଁ । ଅନ୍ୟ ଲୋକମାନେ ଆଳ ଅବଲମ୍ବନ କଲେ କିମ୍ବା ଏପରି କୌଣସି ଗୁପ୍ତ ଯୋଜନା ବା ଚାଲ୍ କରିବା ଦ୍ୱାରା ମନୁଷ୍ୟ ଶତ୍ରୁର ଅନିଷ୍ଟତାରୁ ସୁରକ୍ଷିତ ରହି ପାରିବ । ଅତଏବ୍ ଏହା କୌଣସି ଆପତ୍ତି ଯୋଗ୍ୟ କଥା ନୁହେଁ । ବରଂ ଯୁଦ୍ଧ କୌଶଳର ଏକ ଅତ୍ୟନ୍ତ ଉପାଦେୟ ଅଂଶ ଅଟେ । ଉକ୍ତ ଉପାୟ ଦ୍ୱାରା ଅତ୍ୟାଚାରୀ ଶତ୍ରୁକୁ ଅକୃତକାର୍ଯ୍ୟ ତଥା ଅସଫଳ କରିବା ଏବଂ ଅଯଥା ରକ୍ତପାତର ପରମ୍ପରାକୁ ରୋକିବା ନିମନ୍ତେ ଅନେକ ସାହାଯ୍ୟ ନିଆଯାଇ ପାରିବ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-591-593)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କଲେ ଯେ, "କିଛି ଦିନ ପରେ ଉଭୟ ପକ୍ଷ ଏହି ନିଷ୍ପତ୍ତି ନେଲେ ଯେ, ଏକ ନିର୍ଦ୍ଧାରିତ ସମୟରେ ଇହୁଦୀ ଏବଂ ଅବିଶ୍ୱାସକାରୀମାନଙ୍କ ସୈନ୍ୟବାହିନୀ ସହସା ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେବେ । କିନ୍ତୁ ସେତେବେଳେ ଅଲ୍ଲାଃତାଲାଙ୍କ ତରଫରୁ ଏକ ବିଚିତ୍ର ପ୍ରକାରର ଚମତ୍କାରମୂଳକ ଲୀଳା ପ୍ରକାଶିତ ହେଲା । ଉକ୍ତ ଚମତ୍କାରର ବିବରଣୀ ଏହିପରି ଯେ, ଗତ୍‌ଫାନ୍

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ସଂପ୍ରଦାୟର ନୁଐମ୍ ନାମକ ଜନୈକ ବ୍ୟକ୍ତି ହୃଦୟରୁ ମୁସଲମାନେ ଥିଲା । ଉକ୍ତ ବ୍ୟକ୍ତି ଜଣକ ମଧ୍ୟ ଅବିଶ୍ୱାସକାରୀଙ୍କ ସହିତ ଆସିଥିଲା । କିନ୍ତୁ ଉକ୍ତ ସୁଯୋଗକୁ ଅପେକ୍ଷା କରି ବହସିଥିଲା ଯେ, ଯଦି ମୋତେ କୌଣସି ସୁଯୋଗ ମିଳେ ତେବେ ମୁଁ ମୁସଲମାନମାନଙ୍କୁ ଅବଶ୍ୟ ସାହାଯ୍ୟ କରିବି । ଜଣେ ଏକୁଟିଆ ବ୍ୟକ୍ତି ଆଉ କ'ଣ ବା କରି ପାରିବ ? କିନ୍ତୁ ସେ ଯେତେବେଳେ ଏହା ଦେଖିଲା କି ଇହୁଦୀମାନେ ମଧ୍ୟ ଅବିଶ୍ୱାସକାରୀଙ୍କ ସହିତ ମିଶି ଯାଇଛନ୍ତି ଏବଂ ବର୍ତ୍ତମାନ ପ୍ରକାଶ୍ୟ ରୂପେ ମୁସଲମାନମାନଙ୍କର ସୁରକ୍ଷାର କୌଣସି ମାଧ୍ୟମ ଆଉ ଦୃଶ୍ୟମାନେ ହେଉ ନାହିଁ ସେତେବେଳେ ସେହି ପରିସ୍ଥିତିରୁ ସେ ଏତେ ପ୍ରଭାବିତ ହେଲା ଯେ, ସେ ଏହି ନିଷ୍ପତ୍ତି ନେଲା ଏବଂ ମନରେ ବିଚାର କଲା ଯେ, ସେ ଯାହା ହୋଇଯାଉ ନା କାହିଁକି ଏହି ଘୋର ଉପଦ୍ରବକୁ ଦୂର କରିବା ନିମନ୍ତେ ମୋତେ କିଛି ନା କିଛି ଗୋଟେ କରିବାକୁ ପଡ଼ିବ । ସୁତରାଂ ଯେତେବେଳେ ଏହି ନିଷ୍ପତ୍ତି ହେଲା ଯେ, ଉଭୟ ପକ୍ଷ ମିଶି ଦିନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବେ । ତେଣୁ ସେ ବନୁ କୁରୈଜା ନିକଟକୁ ଗଲା ଏବଂ ସେମାନଙ୍କର ଅଧିପତିମାନଙ୍କୁ କହିଲା, ହେ ଅଧିପତିଗଣ ! ଯଦି ଆରବୀୟମାନଙ୍କର ସୈନ୍ୟବାହିନୀ ପଳାୟନ କଲା ତେବେ ମୁସଲମାନମାନେ ତୁମ ସହିତ କ'ଣ ବ୍ୟବହାର (ତୁମମାନଙ୍କର କି ଅବସ୍ଥା) କରିବେ ତୁମେ ଜାଣିଛ ଟି ? ତୁମେମାନେ ମୁସଲମାନମାନଙ୍କ ସହିତ ଅଙ୍ଗୀକାର କରିଛ ଏବଂ ଅଙ୍ଗୀକାର ତଥା ଚୁକ୍ତି କରି ଚୁକ୍ତି ଭଙ୍ଗ କରିବା ଫଳରେ ତୁମମାନଙ୍କୁ ଯେଉଁ ଶାସ୍ତି ମିଳିବ ତୁମେ ଏ ସଂପର୍କରେ ନିଜେ କଳ୍ପନା କରିନିଅ । ବନୁ କୁରୈଜା ସଂପ୍ରଦାୟର ମନରେ ଟିକେ ଭୟ ଜାତ ହେଲା ଏବଂ ସେମାନେ ପଚାରିଲେ ଯେ, ହେ ନୁଐମ୍ ତାହାହେଲେ ଆମେମାନା କ'ଣ କରିବୁ ? ନୁଐମ୍ କହିଲା, ଆରବୀୟମାନେ ଯେତେବେଳେ ମିଳିତ ଭାବରେ ଆକ୍ରମଣ ନିମନ୍ତେ ତୁମ ନିକଟରେ ଇଚ୍ଛା ବ୍ୟକ୍ତି କରିବେ ସେତେବେଳେ ତୁମେମାନେ ଅବିଶ୍ୱାସକାରୀଙ୍କୁ ଏହା କହିବ କି ହେ ଆରବୀୟ ସଂପ୍ରଦାୟ ଅର୍ଥାତ୍ କୁରୈଶ୍ ! ତୁମେମାନେ ନିଜର 70 ଜଣ ଲୋକଙ୍କୁ ଆମ ପାଖରେ ପ୍ରତିଭୂତ ତଥା ସୁରକ୍ଷା ସ୍ୱରୂପ ଆଗୁଆ ପ୍ରେରଣ କରିଦିଅ । ସେମାନେ ଆମମାନଙ୍କ ଦୁର୍ଗର ସୁରକ୍ଷା କରିବେ ଏବଂ ଆମେମାନେ ମଦିନା ପଛ ପଟୁ ମଦିନା ଉପରେ ଆକ୍ରମଣ କରିବୁ। ଅର୍ଥାତ୍ ମୁସଲମାନମାଙ୍କ ଉପରେ ଆକ୍ରମଣ କରିବୁ । ପୁନଶ୍ଚ ସେ (ନୁଐମ୍) ସେଠାରୁ ଉଠି ଅବିଶ୍ୱାସକାରୀମାନଙ୍କର ଅଧିପତିଙ୍କ ନିକଟକୁ ଗଲା ଏବଂ ସେମାନଙ୍କୁ କହିଲା କି ଏହି ଇହୁଦୀମାନେ ତ' ମଦିନାବାସୀ ଅଟନ୍ତି । ଯଦି ଏମାନେ ଯଥା ସ୍ଥାନରେ ତୁମ ସହିତ ବିଶ୍ୱାସଘାତ କରନ୍ତି ତେବେ ସେପରିପ୍ରେକ୍ଷୀରେ ତୁମେମାନେ କ'ଣ କରିବ? ଯଦି ଏହା ମୁସଲମାନମାନଙ୍କୁ ପ୍ରସନ୍ନ କରିବା ନିମନ୍ତେ ଏବଂ ନିଜର ଦୋଷ ତ୍ରୁଟିକୁ କ୍ଷମା କରିବା ନିମନ୍ତେ ଓ ତୁମ ଠାରୁ ଲୋକମାନଙ୍କୁ ପ୍ରତିଭୂତି ଏବଂ ସୁରକ୍ଷା ସ୍ୱରୂପ ମାଗନ୍ତି ଯଦି ସେମାନଙ୍କୁ ମୁସଲମାନମାନଙ୍କୁ ହସ୍ତାନ୍ତର କରି ଦିଅନ୍ତି ତେବେ ସେପରିପ୍ରାକ୍ଷୀରେ ତୁମେ କ'ଣ କରିବ ? ତୁମମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ତୁମେମାନେ ସେମାନଙ୍କୁ ପରୀକ୍ଷା କରି ଦେଖିନିଅ ଯେ, ସେମାନେ ଅବିଚଳିତ ହେଉଛନ୍ତି ଅବା ନୁହେଁ ? ଖୁବଶୀଘ୍ର ସେମାନଙ୍କୁ ନିଜ ସହିତ ନିୟମିତ ଆକ୍ରମଣ କରିବାର ନିମନ୍ତ୍ରଣ ଦିଅ । ଅବିଶ୍ୱାସକାରୀଙ୍କ ଅଧିପତିମାନେ ଉକ୍ତ ପରାମର୍ଶକୁ ସଠିକ୍ ବୋଲି ମନେକରି ପରବର୍ତ୍ତୀ ଦିନ ଇହୁଦୀମାନଙ୍କୁ ଏହି ସନ୍ଦେଶ ପ୍ରେରଣ କଲେ ଯେ, ଆମେମାନେ ସାମୂହିକ ଆକ୍ରମଣ କରିବାକୁ ଚାହୁଁଛି । ତୁମେ ବି କାଲି ନିଜ ସୈନ୍ୟବାହିନୀ ସମେତ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବ । ବନୁ କୁରୈଜା ସଂପ୍ରଦାୟ କହିଲା କି **ପ୍ରଥମ** କଥା ହେଉଛି ଆମମାନଙ୍କର କାଲି ସବତ୍ ଅର୍ଥାତ୍ ସପ୍ତାହ ତଥା ଛୁଟି ଦିନ ଅଟେ । ଆମେମାନେ ସବତ୍ ଦିନ ଯୁଦ୍ଧ ଏବଂ ଆକ୍ରମଣ କରୁ ନାହୁଁ । ଅତଏବ୍ ଆମେମାନେ ସେଦିନ ଯୁଦ୍ଧ କରି ପାରିବୁ ନାହିଁ । **ଦ୍ୱିତୀୟତଃ** ଆମେମାନେ ମଦିନାବାସୀ ଅଟୁ ଏବଂ ତୁମେମମାନେ ବାହାରର ଲୋକ ଅଟେ । ତେଣୁ ତୁମେମାନେ ଯଦି ଯୁଦ୍ଧ ତ୍ୟାଗ କରି ପଳାୟନ କର ତେବେ ଆମର ଅବସ୍ଥା କ'ଣ ହେବ ? ତେଣୁ ତୁମେମାନେ (କୁରୈଶ୍ମାନେ) ଆମକୁ 70 ଜଣ ବ୍ୟକ୍ତି ପ୍ରତିଭୂତି ତଥା ସୁରକ୍ଷା ସ୍ୱରୂପ ଆଗୁଆ ପ୍ରଦାନ କର । ତେବେ ଯାଇ ଆମେମାନେ ଯୁଦ୍ଧରେ ସାମିଲ୍ ହେବୁ । ଯଦିଚ ଅବିଶ୍ୱାସକାରୀମାନଙ୍କ ମନରେ ପୂର୍ବରୁ ସନ୍ଦେହ ସୃଷ୍ଟି ହୋଇଥିଲା । ତେଣୁ ସେମାନେ ବନୁ କୁରୈଜା ସଂପ୍ରଦାୟର ଉକ୍ତ ଦାବି ପୂରଣ କରିବାକୁ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିଦେଲେ । ସେମାନେ କହିଲେ ଯେ, ତୁମମାନଙ୍କର ଯଦି ଆମମାନଙ୍କ ସହିତ ପ୍ରକୃତ ସଂପର୍କ ଥିଲା ତେବେ ଏହି ପ୍ରକାରର ଦାବି କରିବାର କୌଣସି ଯଥାର୍ଥତା ନାହିଁ । ଉକ୍ତ ଘଟଣା ଯୋଗୁଁ ଇହୁଦୀମାନଙ୍କ ମନରେ ସନ୍ଦେହ ସୃଷ୍ଟି ହେବାକୁ ଲାଗିଲା । ସେପଟରେ ଅବିଶ୍ୱାସକାରୀଙ୍କ ମନରେ ମଧ୍ୟ ସନ୍ଦେହ ଜାତ ହେବାକୁ ଲାଗିଲା । ଯେପରିକି ନିୟମ ଏବଂ କଥାରେ ଅଛି, ଯେତେବେଳେ ମନ ଭିତରେ ସନ୍ଦେହ ସୃଷ୍ଟି ହେବାକୁ ଲାଗେ ସେତେବେଳେ ସାହାସିକତାର ଆତ୍ମା (ମନୋଭାବ) ମଧ୍ୟ ସମାପ୍ତ ହୋଇଯାଇଥାଏ ।"**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-280-281)**

ପୁନଶ୍ଚ ଅଲ୍ଲାଃତାଲାଙ୍କର ଲୀଳା ଯେ, ଦିନେ ଗୋଟିଏ ରାତ୍ରରେ ମୁସଲମାନମାନଙ୍କ ସପକ୍ଷରେ ଦ୍ରୁତ ବେଗରେ ପବନ ବହିବାକୁ ଲାଗିଲା ଏବଂ ଝଡ଼ ତୋଫାନ ଆକାରରରେ ତାହା ପ୍ରକଟିତ (ଉଭା) ହେଲା । ଯଦ୍ଦ୍ୱାରାକି ବିଭିନ୍ନ ସଂପ୍ରଦାୟର ସୈନ୍ୟ ବାହାନୀମାନଙ୍କୁ, ଅବିଶ୍ୱାସକାରୀମାନଙ୍କୁ, ଆକ୍ରମଣକାରୀମାନଙ୍କୁ ପଳାୟନ କରିବାକୁ ପଡ଼ିଲା । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏପରି ଉଲ୍ଲେଖ ରହିଛି ଯେ, ଇବ୍‌ନେ ଇସ୍‌ହାକ ନାମକ ଇତିହାସବିତ୍ ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃତାଲା ଅତ୍ୟନ୍ତ ହାଡ଼ ଭଙ୍ଗା ଶୀତ ରାତିରେ ଏଭଳି ଏକ ଝଡ଼ ପ୍ରେରଣ କଲେ ଯେ, ତାହା ଅବିଶ୍ୱାସକାରୀମାନଙ୍କର ଖାଇବା ହାଣ୍ଡିକୁ ଚୁଲି ଉପରୁ ଓଲଟାଇ ଦେଇଥିଲା ଏବଂ ବାସନ କୁସନ ସବୁକୁ ଫିଙ୍ଗି ଛିନ୍ ଛତର କିର ଦେଇଥିଲା। ସେହିପରି ବିଲାଜ୍‌ରି ନାମକ ଜଣେ ଇତିହାସବିତ ଉଲ୍ଲେଖ କରନ୍ତି ଯେ, ଅଲ୍ଲାଃତାଲା ଅବିଶ୍ୱାସକାରୀଙ୍କ ବିରୁଦ୍ଧରେ ମୁସଲମାନମାନଙ୍କୁ ଏକ ଝଡ଼ ମାଧ୍ୟମରେ ସାହାଯ୍ୟ କରିଥିଲେ । ଏହି ଝଡ଼ଟି ପୀତ ବର୍ଣ୍ଣର ଝଡ଼ ଥିଲା । ଅର୍ଥାତ୍ ଧୂଳିକଣାଯୁକ୍ତ ଝଡ଼ । ଏହା ଅବିଶ୍ୱାସକାରୀମାନଙ୍କର ଚକ୍ଷୁକୁ ଧୂଳି ଓ ବାଲି ଦ୍ୱାରା ପରିପୂର୍ଣ୍ଣ କରିଦେଲା । ସେହି ଅବିଶ୍ୱାସକାରୀମାନଙ୍କର ମନରେ ଭୀରୁତା ଓ ଦୁର୍ବଳତା ପ୍ରବିଷ୍ଟ କରିଦେଲା। ଅବିଶ୍ୱାସକାରୀମାନେ ପରାଜିତ ହୋଇଗଲେ ଏବଂ ସେମାନେ ନିଜର ଶିବିର ସ୍ଥାନକୁ ଚାଲିଗଲେ । ପବନ ସେମାନଙ୍କ ଆଡ଼କୁ ଦ୍ରୁତ ଗତିରେ ବହୁଥିଲା । ସେହି ଅବିଶ୍ୱାସକାରୀମାନଙ୍କୁ ଦେବଦୂତମାନେ ଆବୃତ୍ତ (ଘୋଡ଼ାଇ) କରିନେଲେ। ସେମାନଙ୍କର ଚକ୍ଷୁ ଫୁଟାଇ ଦେଲେ, ସେମାନେ ଅନ୍ଧ ହୋଇଗଲେ । ଫଳତଃ ସେମାନେ ଫେରିଗଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-386-387, ଦାରୁଲ୍ କୁତ୍‌ବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଉପରୋକ୍ତ ଘଟଣାର ବିସ୍ତୃତ ବିବରଣୀ ଏହପରି ପ୍ରଦାନ କରିଛନ୍ତି ଯେ, "ସମ୍ଭବତଃ ନୁଐମ୍ ବିନ୍ ମସ୍‌ଉଦ୍‌ର ସେହି ଶାନ୍ତିପ୍ରିୟ ଉଦ୍ୟମର ପରିଣାମ ବୃଥା ହୋଇଯାଇ ଥାଆନ୍ତା ଏବଂ ଏକ ସାମୟିକ ତ୍ରୁଟି ଏବଂ ବଚଳିତାବସ୍ଥା ପରେ ଅବିଶ୍ୱାସକାରୀମାନଙ୍କ ମଧ୍ୟରେ ପୁନଃ ଏକତା ଓ ଅବିଚଳତାର ଆତ୍ମା ସଂଚାର (ସୃଷ୍ଟି) ହେଲା । କିନ୍ତୁ ଈଶ୍ୱରଙ୍କ ପକ୍ଷରୁ ଏପିର ଏକ ସଂଯୋଗ ହେଲା ଯେ, ଏହି ଘଟଣାବଳୀ ପରେ ରାତ୍ରରେ ଏକ ଭୀଷଣ ଝଡ଼ ଚାଲିଲା । ଉକ୍ତ ଝଡ଼ ଅବିଶ୍ୱାସକାରୀମାନଙ୍କ ଶିବିର ଯାହାକି ଏକ ମୁକ୍ତ ସ୍ଥାନରେ ଅବସ୍ଥିତ ଥିଲା ଏକ ଭୟଙ୍କର ଅଶିଷ୍ଟତା (ମନରେ ଆଲୋଡ଼ନ ସୃଷ୍ଟି କରିଦେଲା)। ସମସ୍ତ ଶିବିର ଉପୁଡ଼ିଗଲା । ଶିବିରର ପାଲସବୁ ଛିଣ୍ଡି ଉଡ଼ିଗଲା । ହାଣ୍ଡିଗୁଡ଼ିକ ଓଲଟି ଚୁଲିରେ ପଡ଼ିଗଲା । ବାଲି ଏବଂ ଛୋଟିଆ ଛୋଟିଆ ପଥର ଗୁଣ୍ଡର ବର୍ଷା ଲୋକମାନଙ୍କର ଆଖି, କାନ ଓ ନାକକୁ ଭର୍ତ୍ତି କରିଦେଲା । ଏତଦ୍‌ପରେ ସବୁଠୁ ବଡ଼ ଅନର୍ଥ ଏହା ହେଲା ଯେ, ସେହି ଜାତିମାନେ ଆସିଗଲେ ଯେଉଁମାନେ ଆରବର ପ୍ରାଚୀନ ପରମ୍ପରା ଅନୁଯାୟୀ ରାତ୍ର ସମୟରେ ଅତ୍ୟନ୍ତ ନିରନ୍ତରତାର ସହିତ ମଶାଲକୁ ଜାଳି ରଖୁଥିଲେ । ସେପଟେ ଧୂଳିମାଟି ଉଡ଼ିବା ଯୋଗୁଁ ସେହି ମଶାଲର ଅଗ୍ନି ଲିଭିଯିବାକୁ ବସିଲା । ଅବିଶ୍ୱାସକାରୀମାନଙ୍କର ଅଗ୍ନି ଉପରେ ଅଗାଧ ବିଶ୍ୱାସ ରହିଥିଲା ଯେ, ଅଗ୍ନି ଯେପରି ନଲିଭୁ । ଏହି ଦୃଶ୍ୟାବଳୀଜନିତ ଭ୍ରମ ତଥା କୁସଂସ୍କାରଗ୍ରସ୍ତ ଅବିଶ୍ୱାସକାରୀମାନଙ୍କ ମନକୁ ଆନ୍ଦୋଳିତ କରୁଥିଲା । ଅର୍ଥାତ୍ ଅବିଶ୍ୱାସକାରୀମାନେ ପୂର୍ବରୁ ମଦିନାର ଘେରାଉ କରିବା ଓ ଦୀର୍ଘ ଦିନର ଅପେକ୍ଷା ଏବଂ ସମସ୍ତ ଜାତିମାନଙ୍କର ଏକତା ଓ ପାରସ୍ପାରିକ ଅବିଶ୍ୱାସର କଟୁ ଅଭିଜ୍ଞତା ମାଧ୍ୟମରେ ବିଚଳିତ ହେଉଥିଲେ । ଏହି ଦୃଶ୍ୟାବଲୀ ଦେଖି ଅବିଶ୍ୱାସକାରୀମାନଙ୍କୁ ଏଭଳି ଶକ୍ତ ଝଟକା ଲାଗିଲା ଯେ, ସେମାନେ ନିଜକୁ ଆଉ ସଳଖ ଓ ସମ୍ଭାଳି ପାରିଲେ ନାହିଁ । ସକାଳ ହେବା ପୂର୍ବରୁ ମଦିନାର ଦିଗ୍‌ବଳୟ ଅବିଶ୍ୱାସକାରୀମାନଙ୍କ ସୈନ୍ୟବାହିନୀର ଧୂଳି ଦ୍ୱାରା ପରିଷ୍କାର ହୋଇଗଲା । ସୁତରାଂ ଏପରି ହେଲା ଯେ, ଯେତେବେଳେ ଉକ୍ତ ଝଡ଼ର ଗତି ତୀବ୍ର ହେଲା ସେତେବେଳେ ଅବୁ ସୁଫିୟାନ୍ ନିଜ ଆଖପାଖରେ ଥିବା କୁରୈଶୀୟ ଅଧିପତିମାନଙ୍କୁ ଡାକି କହିଲା କି ହେ ଅଧିପତିଗଣ! ଆମମାନଙ୍କର ସମସ୍ୟା କ୍ରମଶଃ ବୃଦ୍ଧି ପାଉଛି । ବର୍ତ୍ତମାନ ଏଠାରେ ରହିବା ଆଉ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଉଚିତ୍ ନୁହଁ । ତେଣୁ ଭଲ ହେବ ଆମେମାନେ ଏଠାରୁ ଫେରିଯିବୁ । ମୁଁ ତା' ଚାଲିଲି । ଏହା କହି ଅବୁ ସୁଫିୟାନ୍ ନିଜର ଲୋକମାନଙ୍କୁ ଫେରିଯିବା ନିମନ୍ତେ ଆଦେଶ ଦେଲା ଏବଂ ନିଜ ଓଟ ଉପରେ ଆରୋହଣ ହୋଇଗଲା । କିନ୍ତୁ ଉଦ୍‌ବିଗ୍ନ ତଥା ବିବ୍ରତର ଏହି ଅବସ୍ଥା ଥିଲା ଯେ, ଓଟ ପାଦରୁ ଦଉଡ଼ି ଖୋଲିବା ସେ ଭୁଲିଗଲା । ଦଉଡ଼ି ଖୋଲିବା ମନେ ରହିଲା ନାହିଁ । ଓଟ ଉପରେ ଆରୋହଣ ହେଲା ପରେ ଓଟ ଯେତେବେଳେ ଗତିବିଧି ଏବଂ ଚଳପ୍ରଚଳ କରିପାରିଲା ନାହିଁ ସେତେବେଳେ ତା'କୁ ମନେ ପଡ଼ିଲା ଯେ, ଆରେ ଓଟ ପାଦରୁ ଏବେ ବି ଦଉଡ଼ି ଖୋଲା ହୋଇ ନାହିଁ । ସେତେବେଳେ ଇକ୍ରମା ବିନ୍ ଅବୁ ଜହଲ୍ ଅବୁ ସୁଫିୟାନ୍ ନିକଟରେ ଛିଡ଼ା ହୋଇଥିଲା ସେ କୌଣସି ମତେ ବିରକ୍ତି ଭାବ ପ୍ରକାଶ କରି କହିଲା, ହେ ଅବୁ ସୁଫିୟାନ୍ ! ତୁମେ ସେନାପତି ହୋଇ ଫେରିଯିବା କଥା କହୁଛ ? ସୈନ୍ୟବାହିନୀକୁ ଛାଡ଼ି ପଳାୟନ କରିବାକୁ  ଚାହୁଁଛ ? ତୁମେ ଅନ୍ୟମାନଙ୍କ ବିଷୟରେ ଟିକିଏ ହେଲେ ଚିନ୍ତା କଲ ନାହିଁ? ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ ଲଜ୍ଜିତ ହେଲା ଏବଂ ଓଟ ତଳକୁ ଓହ୍ଲାଇ କହିବାକୁ ଲାଗିଲା । ନିଅ ମୁଁ ଏବେ ଯିବି ନାହିଁ । କିନ୍ତୁ ତୁମେମାନେ ଶୀଘ୍ର ଶୀଘ୍ର ପ୍ରସ୍ତୁତ ହୁଅ। ଯଥାଶୀଘ୍ର ଏଠାରୁ ସଅଳ ବାହାରି ପଡ଼ିବା । ସୁତରାଂ ଲୋକମାନେ ଶୀଘ୍ରଶୀଘ୍ର ପ୍ରସ୍ତୁତିରେ ଲାଗି ପଡ଼ିଲେ ଏବଂ ଅବୁ ସୁଫିୟାନି କଛି ସମୟ ପରେ ନିଜର ଓଟ ଉପରେ ଆରୋହଣ ହୋଇ ପୁନଃ ପ୍ରସ୍ଥାନ କଲା । ସେତେବେଳ ପର୍ଯ୍ୟନ୍ତ ବନୁ ଗତ୍‌ଫାନ ସଂପ୍ରଦାୟ ଓ ଅନ୍ୟ ସଂପ୍ରଦାୟମାନଙ୍କୁ କୁରୈଶ୍‌ର ଉକ୍ତ ପଳାୟନର କୌଣସି ସୂଚନା ଓ ଜ୍ଞାତ ମଧ୍ୟ ନଥିଲା । କିନ୍ତୁ କୁରୈଶ୍‌ର ଶିବିର ଯେତେବେଳେ ଦ୍ରୁତ ଗତିରେ ଖାଲିହେବାକୁ ଲଗିଲା ସେତେବେଳେ ଅନ୍ୟମାନଙ୍କୁ ମଧ୍ୟ ଏହାର ସୂଚନା ମିଳିଲା । ଫଳତଃ ସେମାନେ ମଧ୍ୟ ଘାବରେଇ ଫେରିଯିବାର ଘୋଷଣା କରିଦେଲେ। ବନୁ କୁରୈଜା ସଂପ୍ରଦାୟ ମଧ୍ୟ ନିଜର ଦୁର୍ଗ ମଧ୍ୟକୁ ଚାଲିଗଲା ଓ ବନୁ କୁରୈଜା ସଂପ୍ରଦାୟ ସହିତ ବନୁ ନୁଜୈର୍ ସଂପ୍ରଦାୟର ଅଧିପତି ହୁୟଇ ବିନ୍ ଅଖ୍‌ତବ୍ ମଧ୍ୟ ସେମାନଙ୍କ ଦୁର୍ଗ ମଧ୍ୟକୁ ଚାଲି ଆସିଲା । ଏହିପରି ଭାବରେ ସକାଳର ସୂର୍ଯ୍ୟୋଦୟ ହେବା ପୂର୍ବରୁ ସମସ୍ତ ଯୁଦ୍ଧ ଭୂମି ଖାଲି ହୋଇଗଲା । ସୁତରାଂ ତୁରନ୍ତ ଓ ଅଭୂତପୂର୍ବକ ଭାବରେ ମୁସଲମାନ ଜୟଯୁକ୍ତ ହୋଇ ବିଜୟୀ ହେଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-594-593ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୂର୍ବେ ଅବିଶ୍ୱାସକାରୀମାନଙ୍କର ଏହି ଅବସ୍ଥା ଥିଲା ଯେ, ଅବିଶ୍ୱାସକାରୀମାନେ ଦୀର୍ଘ ଦିନ ଧରି ମଦିନାର ଘେରାଉ କରି ରଖିଥିଲେ ଏବଂ ମୁସଲମାନମାନେ ଏହି ଆଶଙ୍କ କରୁଥିଲେ ଯେ, ଅବିଶ୍ୱାସକାରୀମାନେ ମଦିନା ଓ ଦୁର୍ଗ ଉପରେ ଅଧିକାର ନକରି ନିଅନ୍ତୁ । କିନ୍ତୁ ବର୍ତ୍ତମାନ ଏହି ଅବସ୍ଥା ଥିଲା  ଯେ, ମୁସଲମାନମାନେ ଜୟଯୁକ୍ତ ହୋଇଗଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଏହାର ବିବରଣୀ ପ୍ରଦାନ କରି ଉଲ୍ଲେଖ କରନ୍ତି ଯେ, "ସନ୍ଦେହ ଓ ସଂଶୟକୁ ସାଙ୍ଗରେ ନେଇ ଅବିଶ୍ୱାସକାରୀମାନଙ୍କର ସୈନ୍ୟବାହିନୀ ବିଶ୍ରାମ କରିବା ନିମନ୍ତେ ନିଜର ଶିବିର ମଧ୍ୟକୁ ଯେତେବେଳେ ଗଲା ସେତେବେଳେ ଈଶ୍ୱର ଆକାଶୀୟ ସାହାଯ୍ୟର ଆଉ ଏକ ମାର୍ଗ ଉନ୍ମୁକ୍ତ କରିଦେଲେ । ରାତ୍ରରେ ଏକ ଭୟଙ୍କର ଝଡ଼ ପବନ ବହିଲା । ଉକ୍ତ ଝଡ଼ ପବନ ଶିବିରର ପାଲଗୁଡ଼ିକୁ ଛିଣ୍ଡାଇ ଦେଇଥିଲା । ଚୁଲି ଉପରୁ ହାଣ୍ଡି ଗୁଡ଼ିକୁ ଓଲଟାଇ ଦେଇଥିଲା । କେତେକ ସଂପ୍ରଦାୟର (ମଶାଲର) ନିଆଁ ଲିଭିଗଲା । ଆରବ୍ୟ ଅବିଶ୍ୱାସକାରୀମାନଙ୍କ ମଧ୍ୟରେ ଏକ ପରମ୍ପରା ପ୍ରଚଳିତ ଥିଲା ଯେ, ଅବିଶ୍ୱାସକାରୀମାନେ ଅହୋରାତ୍ର ନିଆଁ ଜଳାଇ ରଖିବେ । ଉକ୍ତ ପ୍ରଜ୍ୱଳିତ ବା ଜଳୁଥିବା ଅଗ୍ନିକୁ ସେମାନେ ଶୁଭ ଶକୁନ ବୋଲି ମନେକରୁଥିଲେ । ଯେଉଁ ସଂପ୍ରଦାୟ ବା ବ୍ୟକ୍ତିର ଅଗ୍ନି ଯଦି ଲିଭି ଯାଉଥିଲା ତେବେ ସେମାନେ ଏହି ଅଗ୍ନି ଲିଭିଯିବାକୁ ଅଶୁଭ ବୋଲି ମନେ କରୁଥିଲେ । ସେମାନେ ଏହା କହୁଥିଲେ ଯେ, ଆଜିର ଦିନ ସେମାନମଙ୍କ ପାଇଁ ଅଶୁଭ ଅଟେ । ତେଣୁ ସେମାନେ ନିଜର ଶିବିରର ପାଲ ଏବଂ କାଠ ଇତ୍ୟାଦି ଭୂମିରୁ ଓପାଡ଼ି ଯୁଦ୍ଧ ଭୂମିରୁ ପଛକୁ ଚାଲି ଆସୁଥିଲେ । କାରଣ ସେମାନେ ଦିନଟିଏ ଅପେକ୍ଷା କରି ପୁଣିଥରେ ସୈନ୍ୟବାହିନୀରେ ଆସି ଯୋଗ ଦେଉଥିଲେ ବା ସାମିଲ୍ ହେଉଥିଲେ । କିନ୍ତୁ ଦିନକର ଯୁଦ୍ଧ ଯୋଗୁଁ ସୈନ୍ୟବାହିନୀର ଅଧିପତି ମନରେ ସନ୍ଦେହ ସୃଷ୍ଟି ହେଉଥିଲା। ଯେଉଁ ସଂପ୍ରଦାୟ ପଛକୁ ହଟିଲା ସେମାନଙ୍କ ଆଖ ପାଖ ସଂପ୍ରଦାୟମାନେ ଏହା ମନେକଲେ ଯେ, ସମ୍ଭବତଃ ଇହୁଦୀମାନେ ମୁସଲମାନମାନଙ୍କ ସହିତ ମିଶି ରାତ୍ର ସମୟରେ ସହସା ଆକ୍ରମଣ କରି ଦେଇଛନ୍ତି ଏବଂ ଆମ ଆଖପାଖରୁ ସଂପ୍ରଦାୟମାନେ ପଳାୟନ କରୁଛନ୍ତି । ଅତଏବ୍ ସେମାନେ ମଧ୍ୟ ଶୀଘ୍ର ଶୀଘ୍ର ନିଜର ଶିବିର ସାଉଁଟିବା ଆରମ୍ଭ କରିଦେଲେ ଓ ଯୁଦ୍ଧ ଭୂମିରୁ ସେମାନେ ପଳାୟନ ଆରମ୍ଭ କିରଦେଲେ । ଅବୁ ସୁଫିୟାନ୍ ନିଜ ଶିବିର ମଧ୍ୟରେ ଶାନ୍ତିର ସହିତ ବିଶ୍ରାମ ନେଉଥିଲା । ହଠାତ୍ ତା'କୁ ଏହି ସୂଚନା ମିଳିଲା ଯେ, ସମସ୍ତ ସଂପ୍ରଦାୟମାନେ ନିଜ ନିଜ ଜିନିଷ ପତ୍ର ବାନ୍ଧି ପଳାୟନ କରୁଛନ୍ତି । ତେଣୁ ଅବୁ ସୁଫିୟାନ୍ ନିଜର ବନ୍ଧା ହୋଇଥିବା ଓଟ ଉପରେ ଆରୋହଣ ହେଲା ଏବଂ ଓଟକୁ ଗୋଇଠି ସାହାଯ୍ୟର ମାରିବାକୁ ଆରମ୍ଭ କରିଦେଲା ।  ଅର୍ଥାତ୍ ଯିବାକୁ ଇଙ୍ଗିତ କଲା। ପରିଶେଷରେ ଅବୁ ସୁଫିୟାନର ସାଙ୍ଗମାନେ ତା'ର ଧ୍ୟାନ ଆକର୍ଷଣ କଲେ ଯେ, ସେ କେଉଁ ଦୁଃସାହସ କରୁଅଛି । ତେଣୁ ବନ୍ଧା ହୋଇଥିବା ଓଟମାନଙ୍କର ଦଉଡ଼ିକୁ ଫିଟାଇ ଦିଆଗଲା ଏବଂ ସେ ନିଜର ସାଥିମାନଙ୍କ ସମେତ ଯୁଦ୍ଧ ଭୂମିରୁ ପଳାୟନ କଲା ।"**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-281)**

ଯେତେବେଳେ ଅବିଶ୍ୱାସକାରୀମାନଙ୍କର ଏହି ଅବସ୍ଥା ହୋଇଗଲା ସେତେବେଳେ ଏହାର ସମୀକ୍ଷା ନିମନ୍ତେ ରସୁଲ୍ କରୀମ୍ ସ.ଅ ହୁଜୈଫାହ୍ ବିନ୍ ୟମାନ୍ ର.ଅଙ୍କୁ ଅବିଶ୍ୱାସକାରୀଙ୍କ ସଂପର୍କରେ ସୂଚନା ଆଣିବା ନିମନ୍ତେ ପ୍ରେରଣ କଲେ । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସିରତ୍ ଖାତମୁନ୍ ନବୀୟିନ୍‌ରେ ଏହିପରି ଆଲୋଚନା କରାଯାଇଛି ଯେ, "ସେହି ରାତ୍ର ସମୟରେ ଅବିଶ୍ୱାସକାରୀମାନେ ଏହିପରି ଭାବରେ ସ୍ୱତଃସ୍ଫୃତଃ ଭାବରେ ଯୁଦ୍ଧ ଭୂମି ଛାଡ଼ି ପଳାୟନ କରୁଥିଲେ ସେତେବେଳେ ଆପଣ ସ.ଅ ନିଜର ଆଖପାଖରେ ଥିବା ସାହାବାମାନଙ୍କୁ ସମ୍ବୋଧିତ କରି ଡାକ ମାରି କହିଲେ, ହେ ସାହାବାମାନେ ! ତୁମମାନଙ୍କ ମଧ୍ୟରୁ ଏପରି ସାହାସୀ ବ୍ୟକ୍ତି ଅଛି ଯିଏ ବର୍ତ୍ତମାନ ଅବିଶ୍ୱାସକାରୀମାନଙ୍କ ଗତିବିଧି ସଂପର୍କରେ ଖବର ଆଣି ମୋତେ ଅବଗତ କରାଇ ପାରିବ ? କିନ୍ତୁ ସାହାବାମାନେ ବର୍ଣ୍ଣନା କରନ୍ତି ଯେ, ସେତେବେଳେ ଶୀତର ପ୍ରକୋପ ଏତେ ଭୀଷଣ ଥିଲା ଓ ତା' ସାଙ୍ଗକୁ  କ୍ଳାନ୍ତ ଓ କ୍ଷୁଧା (ଭୋକ)ର ଏହି ଅବସ୍ଥା ଥିଲା ଯେ, ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିରେ ଏହି ସାମର୍ଥ୍ୟତା ନଥିଲା ଯେ, ସେ ଉତ୍ତରରେ କିଛି କହିପାରିବ କିମ୍ବା ନିଜ ସ୍ଥାନରୁ ଗତିଶୀଳ ହୋଇପାରିବ ଅର୍ଥାତ୍ ହଲି ପାରିବ ।  ପରିଶେଷରେ ଆଁହଜରତ ସ.ଅ ସ୍ୱୟଂ ନାମ ନେଇ ହ. ହୁଜୈଫାହ୍ ବିନ୍ ୟମାନ୍ ର.ଅଙ୍କୁ ଡାକିଲେ । ପ୍ରତ୍ୟୁତ୍ତରରେ ହ. ହୁଜୈଫାହ୍ ବିନ୍ ୟମାନ୍ ର.ଅ ଶୀତରେ ଥୁରଥୁର ହୋଇ ଆଁହଜରତ ସ.ଅଙ୍କ ସସମ୍ମୁଖରେ ଆସି ଛିଡ଼ା ହୋଇଗଲେ । ଆପଣ  ସ.ଅ ଦୟାବତ୍ସଳପୂର୍ବକ ତାଙ୍କ ମୁଣ୍ଡ ଉପରେ ହାତ ବୁଲାଇଲେ ଏବଂ କହିଲେ, ହେ ହୁଜାଫାହ୍ !  ଆଦୌ ଭୟ କର ନାହିଁ ଏବଂ ନିଶ୍ଚିନ୍ତ ରୁହ । **ଇନ୍‌ଶାଅଲ୍ଲାଃ** ତୁମକୁ କୌଣସି କଷ୍ଟ ହେବ ନାହିଁ । ତୁମେ କେବଳ ଧୀରେ ଧୀରେ ଅବିଶ୍ୱାସକାରୀଙ୍କ ଶିବିରକୁ ଚାଲିଯାଅ ଓ କାହା ସହିତ କିଛି ଲାଗିବ ନାହିଁ ଓ କାହା ଆଗରେ ନିଜକୁ ପ୍ରଘଟ ବା ପ୍ରକାଶ୍ୟ ହେବାକୁ ଦିଅ ନାହିଁ ।"

ହୁଜୈଫାହ୍ ର.ଅ କୁହନ୍ତି ଯେ, ମୁଁ ଯେତେବେଳେ ଆଁହଜରତ ସ.ଅଙ୍କ ପାଖରୁ ପ୍ରସ୍ଥାନ (ବାହାରିଲି) କଲି ସେତେବେଳେ ମୁଁ ଏହା ଅବଲୋକନ (ଦେଖିଲି) କଲି ଯେ, ମୋ ଶରୀରରେ ଶୀତର କୌଣସି ଚିହ୍ନ ବର୍ଣ୍ଣ ମଧ୍ୟ ନଥିଲା । ଅର୍ଥାତ୍ ଶୀତ ଯୋଗୁଁ ହ. ହୁଜୈଫାହ୍ ର.ଅ ଥୁରଥୁର ହୋଇ ଥରୁଥିଲେ । ହ. ହୁଜୈଫାହ୍ ର.ଅ କୁହନ୍ତି ଯେ, ମୁଁ ଏପରି ଅନୁଭବ କଲି ଯେପରିକି ମୁଁ ଏକ ଉଷ୍ମ କୁଣ୍ଡ ଦେଇ ଅତିକ୍ରମ କରୁଛି ଏବଂ ମୋ ଉଦ୍‌ବିଗ୍ନତା ଧୀରେ ଧୀରେ ସମାପ୍ତ ହୋଇଗଲା । ସେତେବେଳେ ରାତ୍ର ନିଜ ଅନ୍ଧକାରର ଶାସନ ସଂପୂର୍ଣ୍ଣ ରୂପେ ବିସ୍ତାରିତ କରି ସାରିଥିଲା । ମୁଁ  ନିର୍ଭୀକ୍ ଭାବରେ ଧୀରେ ଧୀରେ ଅବିଶ୍ୱାସକାରୀଙ୍କ ଶିବିର ମଧ୍ୟରେ ପହଞ୍ଚିଗଲି । ସେତେବେଳେ ମୁଁ ଏହା ଅବଲୋକନ କଲି ଯେ, ଅବୁ ସୁଫିୟାନ୍ ଏକ ସ୍ଥାନରେ ଛିଡ଼ା ହୋଇ ନିଆଁରେ ନିଜକୁ ଅର୍ଥାତ୍ ହାତ ଓ ପାଦକୁ ସେକୁଥିଲା । ମୁଁ ତା'କୁ ଦେଖିବା ମାତ୍ରେ ନିଜର ତୀର କମାଣ ବାହାର କଲି ତା' ଆଡ଼କୁ ସିଧା କରିଦେଲି । ସେହି ସମୟଟି ଅତି ନିକଟତର ଥିଲା ଯେ. ମୁଁ ତା' ଉପରକୁ ତୀର ଚଳାଇ ଦେଇ ଥାଆନ୍ତି । କିନ୍ତୁ ମୋତେ ଆଁହଜରତ ସ.ଅଙ୍କ ଆଦେଶ ମନେପଡ଼ିଗଲା ଏବଂ ମୁଁ ତୀର ଚଳାଇବାରୁ ଅଟକି ଗଲି । ମୁଁ  ଯଦି ସେତେବେଳେ ତୀର ଚଳାଇ ଦେଇଥାଆନ୍ତି ସେତେବେଳେ ଅବୁ ସୁଫିୟାନ୍ ମୋର ଏତେ ନିକଟବର୍ତ୍ତୀ ଥିଲା ଯେ, ସେ ଆଉ ମୋ ତୀରରୁ ବର୍ତ୍ତି ପାରି ନଥାଆନ୍ତା । ଅବୁ ସୁଫିୟାନ୍ ସେତେବେଳେ ନିଜର ଲୋକମାନଙ୍କୁ ପ୍ରତ୍ୟାବର୍ତ୍ତନ ଅର୍ଥାତ୍ ଫେରିଯିବାକୁ ଆଦେଶ ଦେଉଥିଲା । ଅତଏବ୍ ସେ ମୋ ସମ୍ମୁଖରେ ହିଁ ଓଟ ଉପରେ ଆରୋହଣ ହେଲା । କିନ୍ତୁ ବ୍ୟସ୍ତ ବିବ୍ରତ ହେବା ଯୋଗୁଁ ନିଜ ଓଟରେ ବନ୍ଧା ହୋଇଥିବା ଦଉଡ଼ିକୁ ଖୋଲିବାକୁ ତା'ର ମନେ ରହିଲା ନାହିଁ । ଏତଦ୍‌ପରେ ମୁଁ ଫେରି ଆସିଲି । ହ. ହୁଜୈଫାହ୍ ବିନ୍ ୟମାନ୍ ର.ଅ କୁହନ୍ତି: "ମୁଁ ଯେତେବେଳେ ନିଜ ଶିବିରରେ ପହଞ୍ଚିଲି ସେତେବେଳେ ମୁଁ ଏହା ଅବଲୋକନ କଲି (ଦେଖିଲି) ଯେ, ରସୁଲୁଲ୍ଲାଃ ସ.ଅ ନମାଜ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)"** ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ "** ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନରେ ଡ୍ରାଇଭର (ବାହନ ଚାଳକ) ଚାକିରୀ (ପଦବୀ) ନିମନ୍ତେ ଘୋଷଣା !

(1) ପ୍ରାର୍ଥୀର ବୟସ 18 ବର୍ଷରୁ କମ ଓ 40ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବା (2) ପ୍ରାର୍ଥୀ ସର୍ବନିମ୍ନ ଦଶମ ଶ୍ରେଣୀ ପାସ୍ କରିଥିବା ଉଚିତ୍ । (3) ପ୍ରାର୍ଥୀ ନିକଟରେ ଚାରି ଚକିଆ ଯାନ ଚଳାଇବାର ବୈଧ ଲାଇସେନ୍ସ୍ (ଅନୁଜ୍ଞପ୍ତି) ହେବା ଜରୁରୀ ଅଟେ । (4) ପ୍ରାର୍ଥୀ ନିମନ୍ତେ ଏହା ଆବଶ୍ୟକ ଯେ, ତା' ପାଖରେ କୌଣସି ସରକାରୀ ଅନୁଷ୍ଠାନ ହେଉ ଅବା ବେସରକାରୀ ଅନୁଷ୍ଠାନର ଡ୍ରାଇଭିଂର ସର୍ବନିମ୍ନ 2 ବର୍ଷର ବୈଧ ଡ୍ରାଇଭିଂର (ଯାନ ଚଳାଇବାର) ଅନୁଭବ ଥିବା ଉଚିତ୍ । ସେହିପରି ନିଜର ଆବେଦନ ଫର୍ମ ସହିତ ଉପର ଲିଖିତ ସର୍ତ୍ତାବଳୀ ଅନୁଯାୟୀ ପ୍ରାର୍ଥୀ ଅଭିଜ୍ଞତା ପ୍ରାପ୍ତ କରିଥିବ ଏବଂ ସେଠାକାର Experience Certificate ଉପସ୍ଥାପିତ କରିବା ମଧ୍ୟ ପ୍ରାର୍ଥୀ ପକ୍ଷେ ବାଧ୍ୟତାମୂଳକ ଅଟେ। (5) ପ୍ରାର୍ଥୀ ନିଜର ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଏକାନ୍ତ ବିଧେୟ । (6) ପ୍ରାର୍ଥୀ ପାଇଁ ଲିଖିତ ପରୀକ୍ଷା ଓ ସାକ୍ଷାତକାର ଅର୍ଥାତ୍ ଇଣ୍ଟରଭ୍ୟୁରେ ଉତ୍ତୀର୍ଣ୍ଣ ହେବା ଜରୁରୀ ଅଟେ। (7) ପ୍ରାର୍ଥୀ ନିମନ୍ତେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରରେ ଉନ୍ନିତ ହେବା ସ୍ଥଳରେ ସେମାନଙ୍କର ଡ୍ରାଇଭିଂ ଟେଷ୍ଟ (ବାହାନ ଚାଳନା ପରୀକ୍ଷା) ମଧ୍ୟ ନିଆଯିବ। (8) ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିଆନ୍‌ରୁ ମେଡ଼ିକାଲ୍ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ତଥା ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (9) ଚାଳକ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ ତୁଲ୍ୟ ଆଲାଉନସ୍ (ଭତ୍ତା) ଏବଂ ଅନ୍ୟାନ୍ୟ ସୁବିଧା ସବୁ ପ୍ରଦାନ କରାଯିବ । (10) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ପ୍ରାରମ୍ଭିକ 5 ବର୍ଷ ପର୍ଯ୍ୟନ୍ତ ନିଜ ରହିବାର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ । (11) କାଦିୟାନ୍ ଯିବା ଆସିବାର ଗସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍:** ଲିଖିତ ପରୀକ୍ଷା, ସାକ୍ଷାତ୍‌କାର, ଡ୍ରାଇଭିଂ ଟେଷ୍ଟର ତାରିଖ ସଂକ୍ରାନ୍ତରେ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ !

### ଦ୍ୱିତୀୟ ଶ୍ରେଣୀୟ ଅଧସ୍ତନ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :

(1) ପ୍ରାର୍ଥୀର ବୟସ 25 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବା (2) ପ୍ରାର୍ଥୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା 10+2 ରେ 45% ପ୍ରତିଶତ ନମ୍ବର ହେବା ଉଚିତ୍ । (3) ପ୍ରାର୍ଥୀ ଉର୍ଦ୍ଦୁ/ଇଂରାଜୀ କମ୍ପୋଜିଙ୍ଗ୍ (ଟାଇପିଙ୍ଗ୍) ଜାଣିଥିବା ଉଚିତ୍ ଓ ଟାଇପିଂ ସ୍ପିଡ୍ 25ଟି ଶବ୍ଦ ପ୍ରତି ମିନିଟ୍ ହେବା ଉଚିତ୍ । (4) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ । (5) ଦ୍ୱିତୀୟ ସ୍ତରର ଅଧସ୍ତନ କର୍ମଚାରୀମାନଙ୍କ ପରୀକ୍ଷା ନିମନ୍ତେ ଯେଉଁ ପାଠ୍ୟଖସଡ଼ା ରହିଛି ତାହା ନିମ୍ନ ଲିଖିତ ଅଟେ । ପ୍ରଶ୍ନ ପତ୍ରର ପ୍ରତ୍ୟେକ ଭାଗରେ ଉତ୍ତୀର୍ଣ୍ଣ ହେବା ଅନିର୍ବାର୍ଯ୍ୟ ଅଟେ ।

**ପ୍ରଥମ ଭାଗ** ☆ପବିତ୍ର କୁରଆନ୍ କରୀମ୍‌ର ନାଜିରା (ଦେଖି ପାଠ କରିବା) ସଂପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ ☆ଚାଲିସ୍ ଜୱାହିର ପାରା ଅନୁବାଦ ସହିତ ☆ଅର୍କାନେ ଇସଲାମ୍, ନମାଜ୍ ସଂପୂର୍ଣ୍ଣ ଅନୁବାଦ ସହିତ **(30 ନମ୍ବର)**

**ଦ୍ୱିତୀୟ ଭାଗ** ☆କିଶ୍ତି ନୁହ୍, ବର୍କାତୁଦ୍ ଦୁଆ, ଦିନି ମାଲୁମାତ୍ ☆ଅକାଏଦ୍ ଜମାଅତ୍ ଅହେମଦିୟା ☆ଦୁର୍ରେ ସମିନ୍‌ରୁ ନଜମ୍ (ଶାନେ ଇସଲାମ୍) **(20 ନମ୍ବର)**

**ତୃତୀୟ ଭାଗ** ☆ ଇଂରାଜୀ ଇଣ୍ଟର୍ ମିଡ଼ିଏଟ୍ (10+2) ସ୍ତର ଅନୁଯାୟୀ **(20 ନମ୍ବର)**

**ଚତୁର୍ଥ ଭାଗ** ☆ ହିସାବ୍ ମ୍ୟାଟ୍ରିକ (ଆଫିସିକ ଇମ୍ପ୍ରେଷ୍ଟ ସଂପର୍କିତ ପ୍ରଶ୍ନ)**(20 ନମ୍ବର)**

**ପଞ୍ଚମ ଭାଗ** ☆ସାଧାରଣ ଜ୍ଞାନ (G.K) **(10 ନମ୍ବର)**

(6) ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ହିଁ ଇଣ୍ଟରଭ୍ୟୁ ହେବ । (7)ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ କାଦିୟାନ୍‌ରୁ ମେଡ଼ିକାଲ ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲର ମେଡ଼ିକାଲ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ । (8)ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବାର ବ୍ୟବସ୍ଥା ସ୍ୱୟଂ କରିବାକୁ ପଡ଼ିବ। ପରେ ରହଣୀ ସଂପର୍କିତ ପ୍ରାପ୍ତ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । (9) ଯାତ୍ରା ବା ଗସ୍ତ ଖର୍ଚ୍ଚ କାଦିୟାନ୍ ଯିବା ଆସିବା ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍:** ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ)

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 09682587713, କାର୍ଯ୍ୟାଳୟ:- 01872-501130, Email: diwan@qadian.in**

☆ ☆ ☆

## ବିଗତ ପୃ-8ରେ ବର୍ଣ୍ଣିତ ଖୁତ୍‌ବା ଜୁମା 04-10-2024ର ଅବଶିଷ୍ଟାଂଶ..... (ବ୍ୟାଖ୍ୟା)ର ଅବଶିଷ୍ଟାଂଶ.....

ପାଠ କରୁଛନ୍ତି । ଆପଣ ସ.ଅ ନମାଜ ପାଠ କରି ସାରିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କଲି ଏବଂ ପୁନଶ୍ଚ ମୁଁ ଆପଣ **(ଅବଶିଷ୍ଟାଂଶ......ପୃ-9ରେ)** ସ.ଅଙ୍କୁ ସମସ୍ତ ଘଟଣା ବୃତ୍ତାନ୍ତ ସଂପର୍କରେ ଅବଗତ କଲି । ପ୍ରତ୍ୟୁତ୍ତରରେ ଆପଣ ସ.ଅ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ, ଏହା ଆମମାନଙ୍କ କୌଣସି ଉଦ୍ୟମ କିମ୍ବା ଶକ୍ତିର ପରିଣାମ ନୁହେଁ । ବରଂ ଏହା କେବଳ ଈଶ୍ୱରଙ୍କ କୃପା ଯୋଗୁଁ ସମ୍ଭବପର ହୋଇପାରିଛି । ଏହି ଈଶ୍ୱର କୃପା ହିଁ ଅବିଶ୍ୱାସକାରୀମାନଙ୍କୁ ପରାସ୍ତ କରିଦେଲା । ଏତଦ୍‌ପରେ ଅବିଶ୍ୱାସକାରୀମାନଙ୍କ ପଳାୟନ ଖବର ସମଗ୍ର ମୁସଲମାନମାନଙ୍କ ଶିବିରରେ ପ୍ରଚାରିତ ଓ ବିଖ୍ୟାତ ହୋଇଗଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-594-595ରୁ ଉଦ୍ଧୃତ)**

ଉକ୍ତ ଘଟଣାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କୁହନ୍ତି: "ରାତ୍ରର ଶେଷ ପ୍ରହରରେ ସେହି ଭୂମି ଯହିଁରେ ପ୍ରାୟ 25000 ହଜାର ସଂଖ୍ୟକ ଅବିଶ୍ୱାସକାରୀଙ୍କ ସିପାହୀମାନେ ଶିବିର ପକାଇଥିଲେ ତାହା ଜଙ୍ଗଲ ପରି ଖାଁ ଖାଁ ଓ ଜନଶୂନ୍ୟ ହୋଇଗଲା । ରସୁଲ୍ କରୀମ୍ ସ.ଅଙ୍କୁ ସେତେବେଳେ ଅଲ୍ଲାଃତାଲା ଏହି ଐଶୀବାଣୀ ମାଧ୍ୟମରେ କସୂଚନା ପ୍ରଦାନ କଲେ ଯେ, ହେ ମୁହମ୍ମଦ ସ.ଅ ! ଆମ୍ଭେ ତୁମ୍ଭର ଶତ୍ରୁମାନଙ୍କୁ ଘଉଡ଼ାଇ ଦେଇଛୁ। ଅଲ୍ଲାଃତାଲା ଯେତେବେଳେ ଆଁହଜରତ ସ.ଅଙ୍କୁ ଏହି ସୂଚନା ପ୍ରଦାନ କିରଥିଲେ ସେତେବେଳେ ଆପଣ ସ.ଅ ନିଜର ସାହାବାମାନଙ୍କୁ ପଚାରିଲେ ଯେ, କିଏ ସେହି ବ୍ୟକ୍ତି ଯିଏ ଆସି ମୋତେ ବିଶ୍ୱାସକାରୀଙ୍କ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିବ ? ଆପଣ ସ.ଅ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଜଣେ ବ୍ୟକ୍ତିକୁ ପ୍ରେରଣ କରିବାକୁ ଚାହିଁଲେ ଏବଂ ଆଖ ପାଖରେ ବସିଥିବା ସାହାବାମାନଙ୍କୁ ଡାକ ମାରିଲେ, ଆପଣ ସ.ଅ କହିଲେ, ହେ ସାହାବାମାନେ ! କିଏ ମୋତେ ଅବିଶ୍ୱାସକାରୀଙ୍କ ପଳାୟନ ସଂପର୍କରେ ସୂଚନା ଆଣି ଦେବ ? ସେହି ଦିନଗୁଡ଼ିକ ଶୀତ ଦିନ ଥିଲା ଏବଂ ମୁସଲମାନମମାନଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ଶୀତ ବସ୍ତ୍ର ନଥିଲା । ହାଡ଼ଭଙ୍ଗା ଶୀତ ଯୋଗୁଁ ପାଟି ଜମି ଯାଉଥିଲା ଏବଂ ପାଟି ଖିନି ମାରି ଯାଉଥିଲା । ପାଟିରୁ କଥା ବାହାରୁ ନଥିଲା।" କେତେକ ସାହାବାମାନେ କୁହନ୍ତି: "ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କର ଡାକ ଶୁଣିଲୁ ଏବଂ ଆମେମାନେ ଉତ୍ତର ଦେବାକୁ ଚାହୁଁଥିଲୁ । କିନ୍ତୁ ଆମେମାନେ କଥା କହିପାରିଲୁ ନାହିଁ । କେବଳ ହୁଜେଫା ର.ଅ ସେହି ବ୍ୟକ୍ତି ଥିଲେ ଯିଏ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ କାମ ଅଛି କହୁ ନାହାନ୍ତି ?" ହୁଜୁର ଅନୱର୍ ଅ.ବ କହିଲେ, ଏଠାରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହା କହିଲେ ନାହିଁ ଯେ, ଆଁହଜରତ ସ.ଅ ହ. ହୁଜେଫା ର.ଅଙ୍କୁ ଡାକିଥିଲେ । ବରଂ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ସେ (ହୁଜେଫା ର.ଅ) କହିଥିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଦେଶ ଦିଅନ୍ତୁ ମୁଁ ଆପଣ ସ.ଅଙ୍କର କି ସେବା କରିପାରିବି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ମୋତେ ତୁମର ଆବଶ୍ୟକତା ନାହିଁ ଅନ୍ୟ ବ୍ୟକ୍ତିର ଆବଶ୍ୟକତା ରହିଛି । ହେଲେ ଯେଉଁ ସାହାବାମାନେ ଶୀତର ପ୍ରକୋପ ଯୋଗୁଁ ଚେଇଁ ଥିଲେ ସେମାନେ ଉତ୍ତର ଦେଇ ପାରିଲେ ନାହିଁ । ହ. ହୁଜେଫା ର.ଅ ପୁନଶ୍ଚ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଆଦେଶ ଦିଅନ୍ତୁ ମୁଁ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ଅଛି । ପରିଶେଷରେ ଆଁହଜରତ ସ.ଅ ହ. ହୁଜେଫା ର.ଅଙ୍କୁ ଏହା କହି ପ୍ରେରଣ କରିଦେଲେ ଏବଂ କହିଲେ, ହେ ହୁଜେଫାହ୍ ! ଅଲ୍ଲାଃତାଲା ମୋତେ ଖବର ଦେଇଛନ୍ତି ଯେ, ସେ ଆମ ଶତ୍ରୁକୁ ଘଉଡ଼ାଇ ଦେଇଛନ୍ତି । ସୁତରାଂ ତୁମେ ଯାଇ ଦେଖ ଟିକେ ଯେ, ଶତ୍ରୁମାନଙ୍କର କ'ଣ ସ୍ଥିତାବସ୍ଥା ରହିଛି ? ହ. ହୁଜେଫା ର.ଅ ଖନ୍ଦକ୍ ପାଖକୁ ଗଲେ ଏବଂ ଯାଇ ଦେଖିଲେ ଯେ, ଖନ୍ଦକ୍ ଭୂମିଟି ସଂପୂର୍ଣ୍ଣ ରୂପେ ଶତ୍ରୁ ସୈନ୍ୟବାହିନୀ ରହିତ (ଶୂନ୍ୟ) ଥିଲା । ହ. ହୁଜେଫା ର.ଅ ଫେରି ଆସିଲେ ଏବଂ କଲ୍‌ମା ଶାହାଦତ୍ **(ଅଶ୍‌ହଦୁ ଅନ ଲା ଇଲାହା ଇଲ୍ଲଲ୍ଲାଃହୁ)** ପାଠ କଲେ ଏବଂ ରସୁଲଲ୍ଲାଃ ସ.ଅଙ୍କ ଅବତାରତ୍ୱର ପୁଷ୍ଟି କଲେ (ଅର୍ଥାତ ଓଅଶହଦୁ ଅନ୍ନା ମୁହମ୍ମଦନ୍ ଅବଦୁହୁ ୱ ରସୁଲୁହୁ) କହିଲେ । ଏତଦ୍‌ପରେ ଆପଣ ର.ଅ କହିଲେ, ହେ ଅଲ୍ଲାଃଙ୍କ

ବାର୍ତ୍ତାବହ ! ଶତ୍ରୁ ଯୁଦ୍ଧ ଭୂମି ଛାଡ଼ି ପଳାୟନ କରିଛି ।"**(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-281-282)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅହଜାବ୍ ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ ଘଟଣାବଳୀ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ଆପଣମାନଙ୍କୁ ଏକଥା ଜଣା ଯେ, ସଂସାରର ପରିସ୍ଥିତି ଏବଂ ଅବସ୍ଥା ଦିନକୁ ଦିନ ବିଗିଡ଼ି ଚାଲିଛି । ସଂସାର ଧ୍ୱଂସ ଆଡ଼କୁ ଅଗ୍ରସର । ଆମେରିକା ଓ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନେ ନ୍ୟାୟକୁ ବିନିଯୋଗ କରୁ ନାହାନ୍ତି । ଯୁଦ୍ଧ ବ୍ୟାପକରୁ ବ୍ୟପକର ହୋଇ ଚାଲିଛି। ଅଲ୍ଲାଃତାଲା ଅହେମଦିମାନଙ୍କୁ ଏବଂ ନିରୀହ ଲୋକମାନଙ୍କୁ ଭୟଙ୍କର ସ୍ଥିତି ଏବଂ ଯୁଦ୍ଧର କୁପ୍ରଭାବରୁ ସୁରକ୍ଷା ପ୍ରଦାନ କରନ୍ତୁ । ଏଥି ନିମନ୍ତେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବା ଦିଗରେ ଆମମାନଙ୍କୁ ଅଗ୍ରସର ହେବାକୁ ପଡ଼ିବ। ଆମମାନଙ୍କୁ ଦୁଆ ଆଡ଼କୁ ଅଧିକ ଧ୍ୟାନ ଦେବାକୁ ହେବ । ଏଥି ପ୍ରତି ପ୍ରତ୍ୟେକ ଅହେମଦିକୁ ଧ୍ୟାନ ଦେବାକୁ ଉଚିତ୍ । ପାକିସ୍ତାନର ଅହେମଦିମାନଙ୍କ ନିମନ୍ତେ ମଧ୍ୟ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇ ଚାଲିଛି। ସେମାନଙ୍କ ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ବାଂଲାଦେଶର ଅହେମଦିମାନଙ୍କ ନିମନ୍ତେ ଓ ସେଠାକାର ପରିସ୍ଥିତି ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ସେହି ଲୋକମାନଙ୍କ ଉପରେ ମଧ୍ୟ କଠୋରତା ଏବଂ କ୍ରୁରତା ପ୍ରଦର୍ଶନ କରାଯାଇଛି । ଅଲ୍ଲାଃତାଲା ସମସ୍ତଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । **(ଅଲ୍ ଫଜଲ୍ ଇଣ୍ଟରନେସ୍‌ନାଲ୍, ଅକ୍ଟୋବରର୍ ମାସ 25 ତାରିଖ, 2024 ମସିହା, ପୃ-2-6)**

☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିର୍ (ବ୍ୟାଖ୍ୟା)ର ଅବଶିଷ୍ଟାଂଶ.....

ସାମର୍ଥ୍ୟ ନଥିବ ଏବଂ ସେଦିନ ସବୁ ପ୍ରକାରର ମୀମାଂସ ଅଲ୍ଲାଃଙ୍କ ହସ୍ତରେ ଥିବ। ଉପରୋକ୍ତ ଆୟତରୁ ଏହା ସିଦ୍ଧ ହୁଏ ଯେ, ଅଲ୍ଲାଃତାଲାଙ୍କୁ ମଧ୍ୟ ସମସ୍ତ ରାଜତ୍ୱ ଏବଂ ସମ୍ରାଟତ୍ୱ ପ୍ରାପ୍ତ ପ୍ରାପ୍ତ ଅଛି । ଅତଏବ୍ ସୁରାଃ ଫାତିହାରେ مٰلِكِ ରେ ଯେଉଁ ଶବ୍ଦ ପ୍ରୟୋଗ ହୋଇଛି ତାହା ଏହି ଅର୍ଥରେ ବ୍ୟବହୃତ ହୋଇ ନାହିଁ ଯେ, ଅଲ୍ଲାଃତାଲା କେବଳ ପ୍ରଭୁ ଅଟନ୍ତି ନା କି مَلِكٌ ଅର୍ଥାତ୍ ସମ୍ରାଟ୍ ନୁହନ୍ତି । ବରଂ ଏହି ଶବ୍ଦଟି ଏହି ଅର୍ଥରେ ବ୍ୟବହୃତ ହୋଇଛି ଯେ, ସେ ପରମେଶ୍ୱର ଓ ପ୍ରଭୁ ଅଟନ୍ତି । ଉକ୍ତ କଥାଟି ପରିପ୍ରକାଶିତ ଯେ, ପ୍ରଭୁ ସମ୍ରାଟ୍ ଠାରୁ ଅଧିକ ଉତ୍ତମ ଅଟନ୍ତି । ଅର୍ଥାତ୍ କେବଳ ସମ୍ରାଟ୍ ହୋଇଗଲେ କୌଣସି ବ୍ୟକ୍ତିକୁ ସମସ୍ତ ପ୍ରଜା ଏବଂ ଲୋକମାନଙ୍କ ଉପରେ କିମ୍ବା ବସ୍ତୁ ଉପରେ ସଂପୂର୍ଣ୍ଣ ଅଧିକାର ଓ ଅଧିକାରୀ କରିଦେଇ ନଥାଏ । ଜଣେ ସମ୍ରାଟକୁ ଉକ୍ତ ଅଧିକାର କଦାପି ପ୍ରାପ୍ତ ହୋଇ ନାହିଁ ଯେ, ସେ ପ୍ରଜା ଏବଂ ଦେଶର ଧନ ସମ୍ପତ୍ତି ସମ୍ପତ୍ତି ସହିତ ଯେଭଳି ଚାହିଁବ ସେଭଳି ବ୍ୟବହାର ପ୍ରଦର୍ଶନ କରିବ । କିନ୍ତୁ ସମ୍ରାଟ୍‌ର ସେହିସବୁ ବସ୍ତୁ ଉପରେ ଅଧିକାର ରହିଛି ଯାହାକି ତା'ର ସଂପୂର୍ଣ୍ଣ ବ୍ୟକ୍ତିଗତ (ସମ୍ପତ୍ତି) ଅଟେ ତାହା ଅନ୍ୟ ପ୍ରକାରର ଅଧିକାରୀ ଓ ଅଧିକାର ଅଟେ । ଏହି ଅଧିକାର ତା'କୁ ସମ୍ରାଟ ହେବା ଯୋଗୁଁ ପ୍ରାପ୍ତ ହୋଇଥାଏ । ଏହା ସର୍ବାଧିକ ରୂପେ ପୂର୍ଣ୍ଣ ଏବଂ ସର୍ବୋଚ୍ଚ ଅଧିକାର ଅଟେ । ଅତଏବ୍ مٰلِكِ يَوْمِ الدِّيْنِ କହି ଈଶ୍ୱରଙ୍କ ପ୍ରଭୁତ୍ୱ ଏବଂ ଅଧିକାରତ୍ୱକୁ ଅସ୍ୱୀକାର ଏବଂ ପ୍ରତ୍ୟାଖ୍ୟାନ କରାଯାଇ ନାହିଁ । ବରଂ ଈଶ୍ୱରଙ୍କ ଦଖଲ ବା ସ୍ୱାମୀତ୍ୱର ପ୍ରକାରଭେଦ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ଏହା କୁହାଯାଇଛି ଯେ, ଅଲ୍ଲାଃତାଲା କେବଳ مَلِكٌ ନୁହନ୍ତି ବରଂ ସେ مَلِكٌ ହେବା ସଙ୍ଗେସଙ୍ଗେ ସମସ୍ତ ପ୍ରାଣୀମାନଙ୍କର ପ୍ରଭୁ ମଧ୍ୟ ଅଟନ୍ତି । ତେଣୁ ଯେଉଁ ସତ୍ତା ଈଶ୍ୱରରୂପୀ ସମ୍ରାଟ ଅଟନ୍ତି ତାହାଙ୍କୁ ସଂପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତ ହୋଇଥାଏ । ସେ ସକଳ ସାମର୍ଥ୍ୟର ଅଧିକାରୀ ଅଟନ୍ତି । **(ଅଲ୍ ଫଜଲ୍ ଇଣ୍ଟନେସ୍‌ନାଲ୍, ଅକ୍ଟୋବରର୍ ମାସ 18 ତାରିଖ, 2024 ମସିହା, ପୃ-2-6)** ☆--☆--☆

## ବିଗତ ବଦର୍ ସଂଖ୍ୟା-44 ଓ 45, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 19-01-2024ର ଅବଶିଷ୍ଟାଂଶ.....

ସିରତ୍ ଖାତମୁନ୍ ନବୀୟିନ୍‌ରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ଯେତେବେଳେ ପର୍ବତର ସେହି ଫାଟକ ସ୍ଥାନରେ ପହଞ୍ଚିଲେ ସେତେବେଳେ କୁରେଶମାନଙ୍କର ଏକ ସୈନ୍ୟ ଟୁକୁଡ଼ି ଖାଲିଦ୍ ବିନ୍ ୱଲିଦ୍‌ଙ୍କ ନେତୃତ୍ୱରେ ପର୍ବତ ଉପରେ ଚଢ଼ି ଆକ୍ରମଣ କରିବାକୁ ଚାହିଁଲା । କିନ୍ତୁ ଆଁହଜରତ ସ.ଅଙ୍କ ଆଦେଶମତେ ହ. ଉମର୍ ର.ଅ କେତେକ ପ୍ରବାସକାରୀମାନଙ୍କୁ ସାଙ୍ଗରେ ନେଇ ସେହି ସୈନ୍ୟବାହିନିର ମୁକାବିଲା କଲେ ଏବଂ ସେମାନଙ୍କୁ ପରାସ୍ତ କରିଦେଲେ। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-497)**

ଉକ୍ତ ଯୁଦ୍ଧର ଘଟଣା ଏବଂ ବର୍ଣ୍ଣନା ଇତିହାସରେ ଏହିପରି ଉଲ୍ଲେଖ ଥିବା ମିଳେ ଯେ, ହ. ଜୁବେର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଓହୋଦ୍ ଯୁଦ୍ଧ ଦିନ ଦୁଇଟି ଲୌହ କବଚ ପରିଧାନ (ପିନ୍ଧିଥିଲେ) କରିଥିଲେ । ଆପଣ ସ.ଅ ଚଟ୍ଟାଣ ଉପରେ ଚଢ଼ିବାକୁ ଚାହିଁଲେ । କିନ୍ତୁ ଲୌହ କବଚ ପରିଧାନ କରିଥିବା ହେତୁ, ଲୌହ କବଚର ଓଜନ ଥିବା ହେତୁ ମସ୍ତିଷ୍କ ଏବଂ ମୁଖ ଆହତ ହେବା ଫଳରେ ରକ୍ତସ୍ରାବ ହେବାକୁ ଲାଗିଲା । ଯଦ୍ୱାରାକି ଆପଣ ସ.ଅ ଦୁର୍ବଳ ହୋଇଯାଇଥିଲେ । ତେଣୁ ହ. ତଲ୍‌ହା ର.ଅ ଯେତେବେଳେ ଏହି ଦୃଶ୍ୟକୁ ଦେଖିଲେ ଯେ, ଆପଣ ସ.ଅ ଚଟ୍ଟାଣ ଉପରେ ଚଢି ପାରୁ ନାହାନ୍ତି ସେତେବେଳେ ହ. ତଲ୍‌ହା ର.ଅ ତଳେ ବସି ପଡ଼ିଲେ ଏବଂ ଆଁହଜରତ ସ.ଅ ତାଙ୍କ ଉପରେ ପାଦ ରଖି ଚଟ୍ଟାଣ ଉପରେ ଚଢ଼ିଗଲେ । ହ. ଜୁବେର୍ ର.ଅ କୁହନ୍ତି: "ମୁଁ ସେତବେଳେ ରସୁଲୁଲ୍ଲାଃ ସ.ଅଙ୍କ ଏହା କହୁଥିବାର ଶୁଣିଲି ଯେ, ତଲ୍‌ହା ନିଜ ଉପରେ ବୈକୁଣ୍ଠକୁ ଅନିର୍ବାର୍ଯ୍ୟ କରିନେଲେ ।"

**(ଉସ୍‌ଦୁଲ୍ ଗାବା, ଭାଗ-3, ପୃ-85, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍)**

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ଚଟ୍ଟାଣର ଉପରିସ୍ଥ ଭାଗକୁ ଯିବାକୁ ଇଚ୍ଛା ପ୍ରକାଶ କଲେ । ଅର୍ଥାତ୍ ଚଟ୍ଟାଣଟି ଘାଟି ଉପରେ ଥିଲା । କିନ୍ତୁ ଆପଣ ସ.ଅ ଯେତେବେଳେ ଚଟ୍ଟାଣ ଉପରେ ଚଢ଼ିବାକୁ ଲାଗିଲେ ସେତେବେଳେ ଆପଣ ସ.ଅଙ୍କ ମସ୍ତିଷ୍କରେ ଆଘାତ ବାଜି ରକ୍ତ ବହିବାକୁ ଲାଗିଲା । ଫଳତଃ ଆପଣ ସ.ଅ ଦୁର୍ବଳ ହୋଇଗଲେ ଓ ଚଟ୍ଟାଣ ଉପରେ ଚଢ଼ି ପାରିଲେ ନାହିଁ । ଉକ୍ତ ଆଘାତ ସାଙ୍ଗକୁ ଆପଣ ସ.ଅଙ୍କ ଶରୀରରେ ଦୁଇଟି ଲୌହ କବଚର ଓଜନ ଥିଲା। ଏହା ଦେଖି ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅ ଶୀଘ୍ର ଆପଣ ସ.ଅଙ୍କ ସମ୍ମୁଖରେ ବସିଗଲେ । ଆପଣ ସ.ଅଙ୍କୁ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ନିଜ କାନ୍ଧ ଉପରେ ବସାଇ ଉପରକୁ ନେଇଗଲେ । ସେହି ସମୟରେ ଆପଣ ସ.ଅ କହିଲେ, ହେ ତଲହାଙ୍କ! ଉକ୍ତ ପୁଣ୍ୟ କାର୍ଯ୍ୟ ଯୋଗୁଁ ତାଙ୍କ ଉପରେ ବୈକୁଣ୍ଠ ଅନିର୍ବାର୍ଯ୍ୟ ହୋଇଗଲା । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-181, ପ୍ରକାଶନ ସ୍ଥାନ-ଦାରୁଲ୍ ଇଶାଅତ୍ କରାଚୀ)**

ଯେପରିକି ବର୍ଣ୍ଣିତ ହୋଇଛି ଯେ, ସେହି ଯୁଦ୍ଧରେ ଆଁହଜରତ ସ.ଅଙ୍କ ପବିତ୍ର ଦାନ୍ତି ଶହୀଦ୍ ହୋଇଯାଇଥିଲା । ଅର୍ଥାତ୍ ଭାଙ୍ଗି ଯାଇଥିଲା । ହ. ଅବୁ ବକ୍କର ର.ଅ ସେତେବେଳର ଦୃଶ୍ୟ ସଂପର୍କରେ ଯେଉଁ ନକ୍ସା ଅଙ୍କନ କରିଛନ୍ତି ତତ୍‌ସଂକ୍ରାନ୍ତରେ ହ. ଆଏଶା ର.ଅ କୁହନ୍ତି ଯେ, ହ. ଅବୁ ବକ୍କର ର.ଅ ଓହୋଦ୍ ଯୁଦ୍ଧର ଚର୍ଚ୍ଚା କରି କହୁନ୍ତି, ସଂପୂର୍ଣ୍ଣ ଓହୋଦ୍ ଯୁଦ୍ଧର ଦିନଟି ହ. ତଲ୍‌ହା ର.ଅଙ୍କର ଦିନ ଥିଲା । ହ. ଅବୁ ବକ୍କର ର.ଅ ଉକ୍ତ ଯୁଦ୍ଧର ବିବରଣୀ ପ୍ରଦାନ କରି କହିଲେ, ମୁଁ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲି ଯିଏ ଓହୋଦ୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ.ଅଙ୍କ ଆଡ଼କୁ ଫେରିଥିଲା । ମୁଁ ଦେଖିଲି ଯେ, ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ସହିତ ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରି ଯୁଦ୍ଧ ଲଢୁଛି । ବର୍ଣ୍ଣନାକାରୀ କୁହନ୍ତି ଯେ, ମୋର ଏହି ଧାରଣା ରହିଛି ଯେ, ଆପଣ ର.ଅ ଅର୍ଥାତ୍ ହ. ଅବୁ ବକ୍କର ର.ଅ କହିଲେ, ସେହି ବ୍ୟକ୍ତି ଆପଣ ସ.ଅଙ୍କର ରକ୍ଷା କରୁଥିଲେ । ହ. ଅବୁ ବକ୍କର ର.ଅ କୁହନ୍ତି ଯେ, ମୁଁ କହିଲି, ଏପରି ହୁଅନ୍ତା କି ସେହି ବ୍ୟକ୍ତି ତଲ୍‌ହା ହୁଅନ୍ତା । ହ. ଅବୁ ବକ୍କର ର.ଅ ସେତେବେଳେ ଏହା ଭାବିଲେ ଯେ, ମୁଁ ଯେଉଁ ସୁଯୋଗକୁ ବ୍ୟବହାର କରିପାରିଲି ନାହିଁ ଅର୍ଥାତ୍ ମୁଁ ଯେଉଁ ସୁଯୋଗକୁ ହାତ ଛଡ଼ା କରିଥିଲି ଏବଂ ମୁଁ ମନରେ କହିଲି, ମୋ ଜାତି ମଧ୍ୟରୁ କୌଣସି ବ୍ୟକ୍ତି ଏପରି ହୁଅନ୍ତା ଯିଏ ମୋର ସବୁଠାରୁ ଅତିପ୍ରିୟ ବ୍ୟକ୍ତି ହେବ ।

ହ. ଅବୁ ବକ୍କର ର.ଅ କହିଲେ, ମୋର ଏବଂ ରସୁଲୁଲ୍ଲାଃ ସ.ଅଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଥିଲା ଯାହାକୁ ମୁଁ ଚିହ୍ନି ପାରିଲି ନାହିଁ । କିନ୍ତୁ ମୁଁ ସେହି ବ୍ୟକ୍ତି ଅପେକ୍ଷା ଆଁହଜରତ ସ.ଅଙ୍କର ଅତି ପ୍ରିୟ ଥିଲି । ସେହି ବ୍ୟକ୍ତି ଏତେ ଦ୍ରୁତ ଗତିରେ ଚଲିଥିଲା ଯେ, ମୁଁ ସେତେ ଦ୍ରୁତ ଗତିରେ ଚାଲି ପାରୁ ନଥିଲି । ସେହି ବ୍ୟକ୍ତି ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ଥିଲେ । ଅର୍ଥାତ୍ ସେମାନେ ଦୁଇ ଜଣ ବ୍ୟକ୍ତି ଥିଲେ । ହ. ତଲ୍‌ହା ର.ଅ ମଧ୍ୟ ସେଠାରେ ଥିଲେ ଏବଂ ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ମଧ୍ୟ ଥିଲେ। ଏତଦ୍‌ପରେ ମୁଁ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ପହଞ୍ଚିଲି । ଆପଣ ସ.ଅଙ୍କ ନିମ୍ନ ଦାନ୍ତ ମାଡିର 4ଟି ଦାନ୍ତ ଏବଂ ସମ୍ମୁଖ ଭାଗରେ ଦୁଇ ଦାନ୍ତ ଓ ଦୁଇଟି ତୀକ୍ଷ୍ଣ ମୁନିଆଁ ଦାନ୍ତର ମଧ୍ୟ ଦାନ୍ତ ଭାଙ୍ଗି ଯାଇଥିଲା । ଆପଣ ସ.ଅଙ୍କ ମୁଖମଣ୍ଡଳ ଆହତ ଏବଂ କ୍ଷତ ବିକ୍ଷତ ହୋଇଯାଇଥିଲା । ଆପଣ ସ.ଅଙ୍କ ପବିତ୍ର ଗାଲରେ ଖୌଦ୍ (ଲୌହ ମୁକୁଟରେ ଥିବା ଦୁଇଟି କଣ୍ଟା)ର ଦୁଇଟି ମୁନିଆଁ କଣ୍ଟା ପଶି ଯାଇଥିଲା । ରସୁଲୁଲ୍ଲାଃ ସ.ଅ କହିଲେ, ତୁମେ ଦୁହେଁ ନିଜ ସାଥିମାନଙ୍କୁ ସାହାଯ୍ୟ କର । ତହିଁରୁ ଆପଣ ସ.ଅଙ୍କ ଯଥାର୍ଥ ହ. ତଲ୍‌ହା ଥିଲେ ଓ ତାଙ୍କର ରକ୍ତ ବହୁଥିଲା । ହ. ତଲ୍‌ହା ର.ଅ ଆଁହଜରତ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଙ୍କ କ୍ରମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ସ.ଅଙ୍କ ସୁରକ୍ଷା କରୁ କରୁ ଗମ୍ଭୀର ଭାବରେ ଆହତ ହୋଇଯାଇଥିଲେ । ଆଁହଜରତ ସ.ଅ ଏହା କହି ଥାଆନ୍ତା ଯେ, ଆରେ ମୋତେ ଦେଖ । କିନ୍ତୁ ଆପଣ ସ.ଅ କହିଲେ, ଆରେ ହେ ସାହାବାମାନେ ଆଗ ତଲ୍‌ହାଙ୍କୁ ଦେଖ ! ହ. ଅବୁ ବକ୍କର ର.ଅ କହିଲେ, ଆମେମାନେ ତାଙ୍କୁ ଛାଡ଼ି ଆଗକୁ ବଢିଗଲୁ । ଅର୍ଥାତ୍ ହ. ତଲ୍‌ହା ର.ଅଙ୍କ ଆଡ଼କୁ ଧ୍ୟାନ ଦେଲୁ ନାହିଁ । ବରଂ ଆମେମାନେ ସମସ୍ତେ ଆଁହହଜରତ ସ.ଅଙ୍କ ଆଡ଼କୁ ଧ୍ୟାନ ଦେଲୁ । କାରଣ ଖୌଦ୍‌ର କଣ୍ଟାଗୁଡ଼ିକ ଆଁହଜରତ ସ.ଅଙ୍କ ମୁଖମଣ୍ଡଳରୁ ବାହାର କରିପାରିବୁ । ପ୍ରତ୍ୟୁତ୍ତରରେ ହ. ଅବୁ ଉବୈଦାହ୍ ର.ଅ କହିଲେ, ମୁଁ ଆପଣ ସ.ଅଙ୍କୁ ନିଜ ସତ୍ୟତାର ଶପଥ ଦେଇ କହୁଛି ଯେ, ଆପଣ ସ.ଅ ତା'କୁ ମୋ ପାଇଁ ଛାଡ଼ି ଦିଅନ୍ତୁ । ଅତଏବ୍ ମୁଁ ତାଙ୍କୁ ଛାଡ଼ିଦେଲି । ହ. ଅବୁ ଉବୈଦାହ୍ ର.ଅଙ୍କ ନିବେଦନ କ୍ରମେ ମୁଁ ଉକ୍ତ କଣ୍ଟାକୁ ବାହାର କରିବି । ହ. ତଲ୍‌ହା ର.ଅ ପଛକୁ ଟିକିଏ ଘୁଞ୍ଚିଗଲେ। ହ. ଅବୁ ଉବୈଦାହ୍ ର.ଅ ଏକଥାକୁ ନାପସନ୍ଦ କଲେ ଯେ, ସେ ସେହି କଣ୍ଟା ଦ୍ୱୟକୁ ନିଜ ହାତରୁ ଟାଣି ବାହାର କରିବେ । ଫଳତଃ ଏହି ଟଣା ଟଣିରେ ଆପଣ ସ.ଅଙ୍କୁ କଷ୍ଟ ପହଞ୍ଚିବ । ସୁତରାଂ ହ. ଅବୁ ଉବୈଦାହ୍ ର.ଅ ସେହି କଣ୍ଟାଗୁଡ଼ିକୁ ନିଜ ପାଟି ଦ୍ୱାରା (ତୁଣ୍ଡ ସାହାଯ୍ୟରେ) ବାହାର କରିବା ଉଦ୍ୟମ କଲେ ଓ ଗୋଟିଏ କଣ୍ଟା ବାହାର କରିବା ସମୟରେ କଣ୍ଟା ସହିତ ହ. ଅବୁ ଉବୈଦାହ୍ ର.ଅଙ୍କ ସମ୍ମୁଖ ଭାଗର ଦାନ୍ତ ମଧ୍ୟ ଭାଙ୍ଗିଗଲା । ପୁନଶ୍ଚ ଦ୍ୱିତୀୟ କଣ୍ଟା ବାହାର କରିବା ପାଇଁ ମୁଁ (ହ. ଅବୁ ବକ୍କର ର.ଅ) ଯେତେବେଳେ ଆଗକୁ ଅଗ୍ରସର ହେଲି । ଅର୍ଥାତ୍ ହ. ଅବୁ ଉବଦାହ ର.ଅ ଯେପରି କଣ୍ଟା ବାହାର କିରଥିଲେ ସେହିପରି କଣ୍ଟା ବାହାର କରିବି । କଣ୍ଟା ବାହାର କରିବା ପାଇଁ ମୁଁ ବି ଚେଷ୍ଟା କରିବି । ତେବେ ହ. ଅବୁ ଉବୈଦାହ୍ ର.ଅ ପୁନଶ୍ଚ କହିଲେ, ହେ ଅବୁ ବକ୍କର ର.ଅ ! ମୁଁ ଆପଣ ର.ଅଙ୍କୁ ମୋର ସତ୍ୟତାର ଦ୍ୱାହି ଓ ଶପଥ ଦେଇ କହୁଛି ଯେ, ଆପଣ ଉକ୍ତ କଣ୍ଟାକୁ ମୋ ପାଇଁ ଛାଡ଼ି ଦିଅନ୍ତୁ । ଅର୍ଥାତ୍ ଦ୍ୱିତୀୟ କଣ୍ଟା ମଧ୍ୟ ମୁଁ ବାହାର କରିବି । ସେ ଅର୍ଥାତ୍ ହ. ଅବୁ ଉବୈଦାହ୍ ର.ଅ ହ. ଅବୁ ବକ୍କର ର.ଅଙ୍କୁ ଉକ୍ତ କଥା ଅର୍ଥାତ କଣ୍ଟା ବାହାର କରିବା କଥା କହିଥିଲେ । ତେଣୁ ହ. ଅବୁ ବକ୍କର ର.ଅ ପଛକୁ ଘୁଞ୍ଚିଗଲେ । ଏତଦ୍‌ପରେ ହ. ଅବୁ ଉବୈଦାହ୍ ର.ଅ ସେହିପରି କଲେ ଯେପରି ସେ ପୂର୍ବେ କରିଥିଲେ । ଅବୁ ଉବୈଦାହ୍ ର.ଅଙ୍କ ସମ୍ମୁଖ ଭାଗର ଦ୍ୱିତୀୟ ଦାନ୍ତ ମଧ୍ୟ କଣ୍ଟା ସହିତ ଭାଙ୍ଗିଗଲା । ହ. ଅବୁ ବକ୍କର ର.ଅ କହୁଥିଲେ ଯେ, ଅବୁ ଉବୈଦାହ୍ ର.ଅଙ୍କ ସମ୍ମୁଖ ଭାଗର ଦୁଇଟି ଦାନ୍ତ ଭାଙ୍ଗିଯିବା ହେତୁ ସେ ସମ୍ମୁଖଭାଗରେ ଭାଙ୍ଗିଯିଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବାଧିକ ସୁନ୍ଦର ବ୍ୟକ୍ତି ଦିଶୁଥିଲେ ।

ହ. ଅବୁ ବକ୍କର ର.ଅ କହିଲେ, ପୁନଶ୍ଚ ଆମେମାନେ ରସୁଲୁଲ୍ଲାଃଙ୍କ ଚିକିତ୍ସା ଏବଂ ଉପଚାର ଯେତେବେଳେ କରି ସାରିଲୁ ସେତେବେଳେ ଆମେମାନେ ହ. ତଲ୍‌ହା ର.ଅଙ୍କ ପାଖକୁ ଆସିଲୁ । ହ. ଅବୁ ତଲ୍‌ହା ର.ଅ ଏକ ଗର୍ତ୍ତ ମଧ୍ୟରେ ଥିଲେ । ହ. ଅବୁ ବକ୍କର ର.ଅ କହିଲେ, ଆମେମାନେ ଯେତେବେଳେ ଏହା ଦେଖିଲୁ କି ତାଙ୍କ ଶରୀରରେ ବର୍ଚ୍ଛା, ଖଡ଼ଗ ଓ ତୀରର ନ୍ୟୁନାଧିକ 70ଟି କ୍ଷତ ଥିଲା ଏବଂ ତାଙ୍କର ଆଙ୍ଗୁଠି ମଧ୍ୟ କଟି ଯାଇଥିଲା ସେତେବେଳେ ଆମେମାନେ ତାଙ୍କ କ୍ଷତ ସ୍ଥାନରେ ମଲମ ଓ ପଟ୍ଟି ଲଗାଇଲୁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-199-200, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଲୁଗାତୁଲ୍ ହଦିସ୍, ରୁବାଇ ଶବ୍ଦ ଅନୁଯାୟୀ)**

ହ. ଉବୈଦ୍ଦ୍ହ ର.ଅଙ୍କ ବ୍ୟତୀତ ହ. ଉକ୍‌ବା ବିନ୍ ୱହବ୍ ଓ ହ. ଅବୁ ବକ୍କର ର.ଅଙ୍କ ସଂପର୍କରେ ମଧ୍ୟ ବର୍ଣ୍ଣନା ମିଳେ ଯେ, ସେ ଏହି ଲୁହା କଣ୍ଟାଗୁଡ଼ାକ ଆଁହଜରତ ସ.ଅଙ୍କ ମୁଖମଣ୍ଡଳରୁ ବାହାର କରିଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ନା କାହିଁକି ପ୍ରଥମ ବର୍ଣ୍ଣନାଟି ଅଧିକ ଉତ୍ତମ ଅଟେ ।

**(ଶରହ୍ ଜର୍କାନୀ, ଭାଗ-2, ପୃ-425, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହ. ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅଙ୍କ ପବିତ୍ର ମୁଖମଣ୍ଡଳରୁ ଦୁଇଟି ଲୁହା କଣ୍ଟା ଯେତେବେଳେ କଢାଗଲା ସେତେବେଳେ ଏପରି ରକ୍ତ କ୍ଷରିତ (ବାହାରିବାକୁ) ହେବାକୁ ଲାଗିଲା ଯେପରି ମଶ୍‌କିଜାହ୍ (ଜଳଥଳୀ) ରୁ ଜଳ ବାହାରିଥାଏ । ମାଲିକ୍ ବିନ୍ ସିନାନ୍ ର.ଅ ରକ୍ତକୁ ନିଜ ପାଟିରୁ ଚୁଚୁମିବାକୁ ଲାଗିଲା । ଆପଣ ସ.ଅ କହିବାକୁ ଲାଗିଲେ ଯେ, ହେ ମାଲିକ୍ ବିନ୍ ସିନାନ୍ ! ତୁ ରକ୍ତ ପାନ (ପିଉଛୁ) କରୁଛୁ ? ସେ କହିଲେ ହଁ ମୁଁ ରକ୍ତ ପାନ କରୁଛି । ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତିର ରକ୍ତ ସହିତ ମୋର ରକ୍ତ ସ୍ପର୍ଶ କରିଗଲା ଅର୍ଥାତ ମିଶିଗଲା ସେହି ବ୍ୟକ୍ତିକୁ ନର୍କାଗ୍ନି କଦାପି ସ୍ପର୍ଶ କରିବ ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-200, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ବର୍ଣ୍ଣନାଟି ଏପରି ପ୍ରତିତ ହେଉଛି ଯେପରିକି ଉକ୍ତ ବର୍ଣ୍ଣନାଟି ବିଚାରଯୋଗ୍ୟ ଅଟେ । ସେ ଯାହା ହେଉ ଅଲ୍ଲାଃତାଲା ଜାଣନ୍ତି ଯେ, କେଉଁ ପର୍ଯ୍ୟନ୍ତ ଉପରୋକ୍ତ ବର୍ଣ୍ଣନାଟି ସଠିକ୍ ଅଟେ । କାରଣ ମାଲିକ୍ ବିନ୍ ସିନାନ୍ ଯଦି ଏହିପରି ରକ୍ତ ଶୋଷିଥିଲେ ବା ଚୁଚୁମି ଥିଲେ ତେବେ ଏହିପରି ରକ୍ତ ବହିବା ବନ୍ଦ ହେବା ପରିବର୍ତ୍ତେ ତହିଁରୁ ଆହୁରି ଅଧିକ ରକ୍ତ କ୍ଷରିତ ହୋଇଥାଏ ଓ ଅଧିକ ଦୂର୍ବଳତା ସୃଷ୍ଟି ହୋଇଥାଏ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ପରବର୍ତ୍ତୀ ବର୍ଣ୍ଣନାରେ ଉକ୍ତ ଆପତ୍ତିର ଉତ୍ତର ମଧ୍ୟ ମିଳିଯିବ । ଅତଃ ଉକ୍ତ ବର୍ଣ୍ଣନାଟି ସେତେଟା ବିଶ୍ୱସ୍ତ ନୁହଁ । ୱହୋଦ୍ ଯୁଦ୍ଧରେ ଆଁହଜରତ ସ.ଅ ଆହତ ହୋଇଥିଲେ ଏବଂ ଆପଣ ସ.ଅଙ୍କୁ ଯେଉଁ କ୍ଷତ ବଳାଗିଥିଲା ତତସଂକ୍ରାନ୍ତରେ ବୁଖାରୀରର ବର୍ଣ୍ଣନା ରହିଛି । ସୁତରାଂ ହ. ସହଲ୍ ବିନ୍ ସାଆଦ୍ ର.ଅଙ୍କୁ ଆଁହଜରତ ସ.ଅଙ୍କ ଆଘାତ ସଂପର୍କରେ ଯେତେବେଳେ ପଚରାଗଲା ସେତେବେଳେ ସେ କହିଲେ, ତୁମେମାନେ ମୋତେ ଆଘାତ ଓ କ୍ଷତ ସଂପର୍କରେ ପଚାରୁଛ ? ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ମୁଁ ଭଲ ଭାବରେ ଜାଣେ । ଯାହା ଘଟିଥିଲା ମୋ ଆଖି ଆଗରେ ତାହା ପ୍ରତିବିମ୍ବିତ ହେଉଛି ଅର୍ଥାତ୍ ସେହି ଦୃଶ୍ୟଟି ମୋ ଆଖି ଆଗରେ ପ୍ରତିବିମ୍ବିତ ହେଉଛି ଯେ, କିଏ ଆଁହଜରତ ସ.ଅଙ୍କ କ୍ଷତକୁ ଧୋଉଥିଲା ଏବଂ କିଏ ପାଣି ଢାଳୁଥିଲା ଓ କିଏ ଔଷଧ ଲେପନ କରୁଥିଲା । ହ. ସହଲ୍ ର.ଅ କହିଲେ, ରସୁଲୁଲ୍ଲାଃ ସ.ଅଙ୍କ ସୁପୁତ୍ରୀ ହ. ଫାତିମା ର.ଅ ଘାକୁ ଧୋଉଥିଲେ ଏବଂ ହ. ଅଲୀ ର.ଅ ଢାଲରୁ ପାଣି ଢାଳୁଥିଲେ । ହ. ଫାତିମା ର.ଅ ଯେତେବେଳେ ଦେଖିଲେ ଯେ, ଜଳ ଢାଳିବା ଦ୍ୱାରା ଆହୁରି ଅଧିକ ରକ୍ତ କ୍ଷରିତ ହେଉଛି । ଅତଏବ୍ ହ. ଫାତିମା ର.ଅ ଅଖା ବସ୍ତାରୁ ଖଣ୍ଡେ ଛିଡ଼ାଇ ଆଣିଲେ ଏବଂ ତା'କୁ ପୋଡ଼ିଦେଲେ ଏବଂ ସେହି ପୋଡ଼ା ଅଖାବସ୍ତା ଘା ସ୍ଥାନରେ ସଂଲଗ୍ନ କରିଦେଲେ । ଏପରି କରିବା ଦ୍ୱାରା ରକ୍ତ ବନ୍ଦ ହୋଇଗଲା ଏବଂ ସେଦିନ ଆପଣ ସ.ଅଙ୍କ ସମ୍ମୁଖବର୍ତ୍ତୀ ଦୁଇଟି ଦାନ୍ତ ଭାଙ୍ଗି ଯାଇଥିଲା ଓ ଆପଣ ସ.ଅଙ୍କ ମୁଖମଣ୍ଡଳ ଆହତ ହୋଇଯାଇଥିଲା । ଆପଣ ସ.ଅ ଲୌହ କବଚର କଣ୍ଟା ଦୁଇଟି ଆପଣ ସ.ଅଙ୍କ ମୁଣ୍ଡରେ ଭାଙ୍ଗି ଯାଇ ମୁଣ୍ଡରେ ପଶି ଯାଇଥିଲା । **(ସହିଉଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବୁ ମା ଇସାବୁନ୍ ନବୀ ସ.ଅ ମିନଲ୍ ଜର୍ରାହ ୟୌମା ୱୋହୋଦିନ୍, ହଦିସ୍ ନଂ-4075)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ରକ୍ତ ବନ୍ଦ୍ କରିବା ଏବଂ ରକ୍ତ ଧୋଇବାର ଚର୍ଚ୍ଚା ରହିଛି । ରକ୍ତ ଶୋଷିବା ବା ଚୁଚୁମିବାର ଚର୍ଚ୍ଚା ନାହିଁ । ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ ଏବଂ ସଠିକ୍ ଅଟେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ଘାଟିର ଡାହାଣ ପାର୍ଶ୍ୱ ଠାରେ ପହଞ୍ଚିଲେ ସେତେବେଳେ ଅଲୀ ବୀନ୍ ଅବି ତାଲିବ୍ ର.ଅ ମିହରାସ୍‌ର ଜଳ ଦ୍ୱାରା ନିଜର ଢାଲକୁ ଭର୍ତ୍ତି କରିବାକୁ ଲାଗିଲେ । ଢାଲରେ ଜଳ ଭର୍ତ୍ତି କରି ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଆଣିଲେ । ମିହରାସ୍ ହେଉଛି ୱହୋଦ୍ ପର୍ବତ ମଧ୍ୟରୁ ଛୋଟ ବଡ଼ ବାମ୍ଫି ଅଟେ । ଏହି ବାମ୍ଫିରେ ବର୍ଷା ଜଳ ଏକତ୍ରିତ ହୋଇଯାଇଥାଏ । ତେଣୁ ଏହି ବାମ୍ଫିକୁ ମିହାରାସ୍ ବୋଲି କୁହାଯାଏ । ମିହାରାସ୍ ସ୍ଥାନଟି ସେହି ସ୍ଥାନ ନିକଟବର୍ତ୍ତୀ ଯେଉଁଠି ହ. ହମ୍‌ଜା ର.ଅ ଶହୀଦ୍ ହୋଇଥିଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ମିହରାସ୍ ଅର୍ଥାତ୍ ବାମ୍ଫିର ଜଳ ଦିଆଗଲା କି ଆପଣ ସ.ଅ ସେହି ବାମ୍ଫି ଜଳକୁ ପାନ କରି ନିଅନ୍ତୁ । ଆପଣ ସ.ଅ ତାହାକୁ ପାନ କଲେ ନାହିଁ । ଅର୍ଥାତ୍ ଜଳ ଦୁର୍ଗନ୍ଧ ହେବା ଯୋଗୁଁ ଆପଣ ସ.ଅ ଜଳ ପାନ କଲେ ନାହିଁ ଏବଂ ସେହି ଜଳରେ ନିଜ ମୁଖମଣ୍ଡଳରେ ଲାଗିଥିବା ରକ୍ତକୁ ଧୋଇନେଲେ ଏବଂ ନିଜ ମୁଣ୍ଡରେ ଜଳ ଢାଳିଲେ । ଏତଦ୍‌ପରେ ଆପଣ ସ.ଅ ଏହା କହିଲେ: "***ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଅବତାରଙ୍କ ମୁଖମଣ୍ଡଳକୁ ଆଘାତ ଦେଇ କ୍ଷତ ବିକ୍ଷତ କରିଦିଏ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନିଜର କୋପ ଅବତୀର୍ଣ୍ଣ କରନ୍ତି*** ।"

ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ମହିଳାମାନଙ୍କ ନିକଟକୁ ଯାଇ ଯେତେବେଳେ ପାଣି ମାଗିବାକୁ ଗଲେ ସେତେବେଳେ ସେହି ମହିଳାମାନଙ୍କ ନିକଟରେ ପାଣି ନଥିଲା । ରସୁଲୁଲ୍ଲାଃ ସ.ଅଙ୍କୁ ଜୋରରେ ଶୋଷ ଲାଗୁଥିଲା । ସୁତରାଂ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅ ଏକ ଝରଣା ପାଖକୁ ଗଲେ ଏବଂ ସେଠାକୁ ଯାଇ ମଧୁର ଜଳ ଆଣିଲେ । ରସୁଲୁଲ୍ଲାଃ ସ.ଅ ସେହି ଜଳକୁ ପାନ କରି ତାଙ୍କୁ ଦୁଆ ଦେଲେ । ତିବ୍ରାନୀରେ ସହଲ୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ଜାଜୁଲ୍ୟମାନ ମୁଖମଣ୍ଡଳ ଆହତ ହୋଇଗଲା ଏବଂ ଆପଣ ସ.ଅଙ୍କ ପବିତ୍ର ଦାନ୍ତ ଶହୀଦ୍ ହୋଇଗାଲ (ଅର୍ଥାତ୍ ଦାନ୍ତ ଭାଙ୍ଗିଗଲା) ଓ ଖୌଦ୍ (ଲୌହ ମୁକୁଟରେ ବାହିର ଥିବା ଦୁଇଟି ସରୁ ଲୌହ କଣ୍ଟା) ଆଁହଜରତ ସ.ଅଙ୍କ ପବିତ୍ର ମୁଣ୍ଡରେ ଭାଙ୍ଗି ଯାଇଥିଲା । ଅବିଶ୍ୱାସକାରୀମାନେ ଯେତେବେଳେ ଚାଲିଗଲେ ସେତେବେଳେ ମହିଳାମାନେ ସାହାବାମାନଙ୍କ ନିକଟକୁ ଆସିଲେ । ସେହି ମହିଳାମାନଙ୍କ ମଧ୍ୟରେ ହ. ଫାତିମା ର.ଅ ଥିଲେ । ସେ ଯେତେବେଳେ ଆଁହଜରତ ସ.ଅଙ୍କୁ ଦେଖିଲେ ସେତେବେଳେ ଆପଣ ର.ଅଙ୍କୁ କୁଣ୍ଢାଇ ପକାଇଲେ ଏବଂ ଆପଣ ସ.ଅଙ୍କ କ୍ଷତକୁ ଧୋଇବାକୁ ଲାଗିଲେ । ହ. ଅଲୀ ର.ଅ ଢାଲ ସାହାଯ୍ୟରେ ଜଳ ଢାଳିବାକୁ ଲାଗିଲେ। କିନ୍ତୁ ଜଳ ଢାଳିବା ଦ୍ୱାରା ରକ୍ତ ଅଧିକ କ୍ଷରିତ ହେଉଥିଲା । ତେଣୁ ହ. ଫାତିମା ର.ଅ ଚଟେଇର ଏକ ଭାଗକୁ ପୋଡ଼ି ତା'କୁ ପାଉଁଶ ତିଆରି କରିନେଲେ ଏବଂ ସେହି ପାଉଁଶକୁ ଆପଣ ର.ଅ ଆଁହଜରତ ସ.ଅଙ୍କ କ୍ଷତକୁ ସେକିଲେ । ଏପର୍ଯ୍ୟନ୍ତକି ସେହି ପାଉଁଶ କ୍ଷତ ସହିତ ମିଶିଗଲା ଏବଂ ରକ୍ତ ସ୍ରାବ ବନ୍ଦ ହୋଇଗଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-209-210, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ସିରତୁଲ୍ ହଲବିୟାହ୍, ଭାଗ-2, ପୃ-322, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଜୀବନୀ ଶବ୍ଦକୋଷ, ପୃ-290, ଜୱାର୍ ଏକାଡ଼େମୀ, କରାଚୀ)**

ଆପଣ ସ.ଅଙ୍କ ମୁଖମଣ୍ଡଳରୁ ରକ୍ତସ୍ରାବ ହେଉଥିଲା । ଆପଣ ସ.ଅ ରକ୍ତକୁ ପୋଛି ଯାଉଥିଲେ ଏବଂ କହୁଥିଲେ ଯେ, كَيْفَ يُفْلِحُ قَوْمٌ شَجُّوْا نَبِيَّهُمْ وَكَسَرُوْا رَبَاعِيَتَهُ وَهُوَ يَدْعُوْهُمْ إِلَى اللّٰهِ ଅର୍ଥାତ୍ ସେହି ଜାତି କେମିତି ଓ କିପରି ସାଫଲ୍ୟମଣ୍ଡିତ ହୋଇ ପାରିବ ଯିଏ ନିଜର ବାର୍ତ୍ତାବହଙ୍କୁ ଆହତ କରିଦେଲେ ଏବଂ ସେହି ଅବତାରଙ୍କ ସାମ୍ନା ପଟର 4ଟି ଦାନ୍ତ ଭାଙ୍ଗି ପକାଇଲା । କିନ୍ତୁ ସେହି ଅବତାର ସେମାନଙ୍କୁ ଈଶ୍ୱରଙ୍କ ଆଡ଼କୁ ଆମନ୍ତ୍ରିତ କରୁଥିଲା ।

**(ଜୀବନୀ ଶବ୍ଦକୋଷ, ଭାଗ-6, ପୃ-251, ଦାରୁସ୍ ସଲାମ୍)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday-14 NOVEMBER 2024 Issue No. 46

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଖୁତବା ଜୁମାର୍ ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ଆପଣମାନଙ୍କୁ ଏହି ଆହ୍ୱାନ ଜଣାଉଛି ଯେ, ଆପଣମାନେ ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ଦୁଆ କରନ୍ତୁ । ବର୍ତ୍ତମାନ ମୁସଲମାନମାନଙ୍କର ଏହି ଅବସ୍ଥା ହୋଇଯାଇଛି ଯେ, ସେମାନେ ଏକେତ୍ରିତ ହୋଇ ପାଲେଷ୍ଟାଇନବାସୀଙ୍କୁ ରକ୍ଷା କରିବା ସଂପର୍କରେ ଚିନ୍ତା କରନ୍ତେ ସେମାନେ ସ୍ୱୟଂ ପରସ୍ପର ମଧ୍ୟରେ କଳହ କରିବାକୁ ଆରମ୍ଭ କରିଦେଇଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଶୁଣିବାକୁ ମିଳୁଛି ଯେ, ପାକିସ୍ତାନ୍ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି । ସେମାନେ ପରସ୍ପର ଉପରେ ବୋମା ମାଡ଼ ମଧ୍ୟ କରୁଛନ୍ତି । ଏହିଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି । ଅଲ୍ଲାଃତାଲା ହିଁ ସେହି ମୁସଲମାନ ରାଷ୍ଟ୍ରମାନଙ୍କୁ, ନେତାମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଆପଣମାନେ ସମସ୍ତେ ସେମାନଙ୍କ ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ପ୍ରକୃତରେ ସେମାନଙ୍କୁ ନିଜର ଅଭିପ୍ରାୟକୁ ବୁଝିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏକ ଜାତି ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ ଦୁଇଟି ନମାଜ ଯନାଜାଃ ଗାଏବ୍ ମଧ୍ୟ ପାଠ କରିବି । ପ୍ରଥମ ଯନାଜାଃ ହେଉଛି ସୟେଦ୍ ମୌଲୁଦ୍ ଅହେମଦ ସାହେବଙ୍କର । ସୟେଦ୍ ମୌଲୁଦ୍ ଅହେମଦ୍ ସାହେବଙ୍କ ପିତାଙ୍କର ନାମ ସୟେଦ୍ ଦାଉଦ୍ ମୁଜଫ୍ଫର୍ ଶାହ୍ ସାହେବ ଥିଲା । ବିଗତ ଦିନରେ 76 ବର୍ଷ ବୟସରେ ସୟେଦ୍ ମୌଲୁଦ୍ ଅହେମଦ୍ ସାହେବଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰہِ وَاِنَّا اِلَیْہِ رَاجِعُوْنَ । ଆପଣ ର.ଅ ହ. ମୁସ୍‌ଲେହ୍ ମଉଦ୍ ର.ଅ ଓ ହ. ସୟେଦ୍ ଉମ୍ମେ ତାହିର୍ ସାହେବ ର.ଅଙ୍କ ନାତି ଏବଂ ସାହିବଜାଦି ଅମତୁଲ୍ ହକିମ୍ ସାହେବା ଏବଂ ସୟେଦ୍ ଦାଉଦ୍ ମୁଜଫ୍ଫର ଶାହ୍ ସାହେବଙ୍କ ସୁପୁତ୍ର ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ମୁସ୍ ଅର୍ଥାତ୍ ଓସିୟତ୍ କରିଥିଲେ ଏବଂ ମୋର ଖାଲାଙ୍କ ପୁତ୍ର ଅର୍ଥାତ୍ ମୋରଭାଇ ମଧ୍ୟ ଥିଲେ । ସେ ମୋର ପତ୍ନିଙ୍କ ଜ୍ୟେଷ୍ଠ (ବଡ଼) ଭ୍ରାତା (ଭାଇ) ମଧ୍ୟ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୟେଦ୍ ମୌଲୁଦ୍ ଅହେମଦ ସାହେବଙ୍କ ଦଦା (ଜେଜେ ବାପା) ସୟେଦ୍ ମେହ୍‌ମୁଦ୍ ଶାହ୍ ସାହେବ ଥିଲେ । ସେ ଅର୍ଥାତ୍ ସୟେଦ୍ ମେହ୍‌ମୁଦ୍ ଶାହ୍ ସାହେବ୍ ସୟେଦ୍ ଅବ୍‌ଦୁସ୍ ସତ୍ତାର ଶାହ୍ ସାହେବଙ୍କ ସୁପୁତ୍ର ଥିଲେ । ହ. ଡାକ୍ତର ସୟେଦ୍ ଅବ୍‌ଦୁସ୍ ସତ୍ତାର୍ ଶାହ୍ ସାହେବ ର.ଅଙ୍କ ମଧ୍ୟରେ ଧର୍ମପରାୟଣତା ଏବଂ ପବିତ୍ରତା ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ସ୍ୱର୍ଗତଙ୍କ ମଧ୍ୟରେ ବିନୀତତା, ବିନମ୍ରତା ଥିଲା । ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଓ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ ସେ ବହୁ ଆଗକୁ ଅଗ୍ରସର ହୋଇଯାଇଥିଲେ । ହ. ମିର୍ଜା ବସୀର୍ ଅହେମଦ ସାହେବ ର.ଅ ତାଙ୍କ ସଂପର୍କରେ ଅର୍ଥାତ୍ ଅବ୍‌ଦୁସ୍ ସତ୍ତାର ଶାହ୍ ସାହେବଙ୍କ ସଂକ୍ରାନ୍ତରେ ଏକ ବର୍ଣ୍ଣନା ଉଲ୍ଲେଖ କରିଛନ୍ତି । ଆପଣ ର.ଅ କୁହନ୍ତି: "ସେ ସ୍ୱୟଂ ମୋ ସମ୍ମୁଖରେ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ଡାକ୍ତର ଅବଦୁସ୍ ସତ୍ତାର ଶାହ୍ ସାହେବ ର.ଅ ହ. ମିଆ ବଶୀର୍ ଅହେମଦ ସାହେବଙ୍କୁ ସ୍ୱୟଂ ବର୍ଣ୍ଣନା କରିଛନ୍ତି ଯେ, ଏକଦା ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ବହୁତ ଅସୁସ୍ଥ ହୋଇଗଲେ । (ଉକ୍ତ ବର୍ଣ୍ଣନା ହେଉଛି ସେହି କାଳରେ ଯେଉଁ ସମୟରେ ସେ ହୁଜୁର ଅର୍ଥାତ୍ ଖଲିଫା ଅୱଲ୍ ର.ଅଙ୍କ ବାସ ଭବନରେ ବାସ କୁରଥିଲେ) ।

ହ. ମସିହ୍ ମଉଦ୍ ଅ.ସ ଖାସି ମାନଙ୍କର ସଦକା (ଦାନ) ଦେଲେ । ଡାକ୍ତର ସାହେବ କୁହନ୍ତି ଯେ, ମୁଁ ମଧ୍ୟ ସେଠାରେ ଉପସ୍ଥିତ ଥିଲା । ମୁଁ ରାତ୍ର ସମୟରେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ପାଖରେ ରହିଲେ ଓ ଔଷଧ ପାନ କରାଉଥିଲି । ସକାଳେ ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ଆସିଲେ ସେତେବେଳେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କହିଲେ, ହୁଜୁର୍ ! ଡାକ୍ତର ସାହେବ ଅହୋରାତ୍ର ମୋ ପାଖରେ ବସିଛନ୍ତି ଏବଂ ଉଜାଗର ରହିଛନ୍ତି । ସେ ମୋତେ ନିରନ୍ତର ଔଷଧ ଇତ୍ୟାଦି ପାନ କରାଉଥିଲେ । ହ. ମସିହ୍ ମଉଦ୍ ଅ.ସ ଉକ୍ତ କଥା ଶୁଣି ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ କହିବାକୁ ଲାଗିଲେ ଯେ, ମୁଁ ତାଙ୍କ ପାଇଁ ଗର୍ବିତ ଅଟେ । ଉକ୍ତ କୁଟମ୍ବ ବା ବଂଶ ହେଉଛି ବୈକୁଣ୍ଠଗାମୀ କୁଟୁମ୍ବ । ହୁଜୁର ଅ.ସ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ଏହିପରି କେତୋଟି ଶବ୍ଦ କହିଲେ । ହ. ଡାକ୍ତର ଅବ୍‌ଦୁସ୍ ସତ୍ତାର୍ ଶାହ୍ ସାହେବ ର.ଅଙ୍କ ସଂକ୍ରାନ୍ତରେ ବାରମ୍ବାର କହିଲେ ।"

**(ସିରତୁଲ୍ ମେହଦୀ, ଭାଗ-1, ଗ୍ରନ୍ଥଖଣ୍ଡ-3, ପୃ-545, ବର୍ଣ୍ଣନା ସଂଖ୍ୟା-563)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୟେଦ୍ ମୌଲବୀ ଶାହ୍ ସାହେବ ରବ୍‌ୱାରୁ ଶିକ୍ଷାର୍ଜନ କରିଥିଲେ । ସେହିଠାରୁ ମ୍ୟାଟ୍ରିକ୍ ପରୀକ୍ଷାରେ ଓ ଏଫ୍.ଏସ୍. ସି (ବର୍ତ୍ତମାନିକ +2) ଉତ୍ତୀର୍ଣ୍ଣ ହୋଇଥିଲେ । ଏଫ୍.ଏସ୍.ସି ପରେ ଲାହୋର୍ ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟସ୍ଥ ମହାବିଦ୍ୟାଳୟ (କଲେଜ)ରେ ପ୍ରବେଶ ଗ୍ରହଣ (ଆଡ଼ମିଶନ) କରିଥିଲେ । ଆପଣ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଉପାଧି ପ୍ରାପ୍ତ କିରଥିଲେ । ପାକିସ୍ତାନରେ ମଧ୍ୟ ବିଭିନ୍ନ କମ୍ପାନୀମାନଙ୍କ ମଧ୍ୟରେ କାର୍ଯ୍ୟ କିରଥିଲେ । ପୁନଶ୍ଚ ନାଇଜିରିୟା ଠାରେ ମଧ୍ୟ ଏକ କମ୍ପାନୀରେ ଇଞ୍ଜିନିୟର୍‌ର କାର୍ଯ୍ୟ କରିବାକୁ ଯାଇଥିଲେ ଏବଂ ସେଠାରେ କାମ କରିଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସେ ଉତ୍ତମ ଜୀବନ ଯାପନ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ସୟେଦ୍ ମୌଲୁଦ୍ ଅହେମଦ ସାହେବଙ୍କ ନିକାହ୍ ହ. ଖଲିଫତୁଲ୍ ମସିହ୍ ସାଲିସ୍ ରହେମହୁଲ୍ଲାଃହୁ ତାଆଲା ପାଠ କରାଇଥିଲେ। ଏହି ନିକାହ୍ ଅବସରରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ଯେଉଁ ଖୁତ୍‌ବା ନିକାହ୍ ଉଦ୍‌ବୋଧନ ଦେଇଥିଲେ ତାହା ଏହିପରି ଥିଲା ଯେ, "ଦାମ୍ପତ୍ୟ ଜୀବନ ଦାମ୍ପତ୍ୟ ସଂପର୍କ ବୃକ୍ଷ ପରି ଏବଂ ବୃକ୍ଷ ସହିତ ସଂଶ୍ଳୀଷ୍ଟ ଅଟେ । ଉକ୍ତ ଦାମ୍ପତ୍ୟ ସଂପର୍କକୁ ପ୍ରାରମ୍ଭିକ ଅବସ୍ଥାରେ ଅତ୍ୟନ୍ତ ସମ୍ଭାଳି ରଖିବାକୁ ପଡ଼ିଥାଏ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଖୁତ୍‌ବା ନିକାହଟି ପୁରାତନ ଖୁତ୍‌ବା ନିକାହ୍ ମଧ୍ୟରୁ ଅନ୍ୟତମ ଅଟେ । ଅତଏବ୍ ମୁଁ ଉକ୍ତ ଖୁତ୍‌ବା ନିକାହ୍‌କୁ ଏଠାରେ ପାଠ କିରଦେଉଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନେକ ଲୋକମାନେ ପ୍ରଶ୍ନ କରି ଥାଆନ୍ତି ଯେ, ଆମେମାନେ କିପରି ସଂପର୍କକୁ ଅକ୍ଷୁର୍ଣ୍ଣ ରଖି ପାରିବୁ ଓ ଦାମ୍ପତ୍ୟ ଜୀବନ ତଥା ଦାମ୍ପତ୍ୟ ସଂପର୍କକୁ ସୁଖମୟ ଭବାରେ ଯାପନ କରି ପାରିବୁ ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଉପଦେଶାବଳୀଗୁଡ଼ିକୁ ଆମମାନଙ୍କୁ ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ । ଉପଦେଶଗୁଡ଼ିକ ଅତ୍ୟନ୍ତ ସଂକ୍ଷିପ୍ତ ଅଟନ୍ତି । ତେଣୁ ମୁଁ ସେହି ଉପଦେଶାବଳୀ ମଧ୍ୟରୁ କେତେକ ଉପଦେଶାବଳୀ ନିଜ ଖୁତ୍‌ବାରେ ବର୍ଣ୍ଣନା କରିଦେଇ ଥାଏ । ବେଳେବେଳେ ନିକାହ୍ ଅବସରରେ ପୂର୍ବ ଖଲିଫାମାନଙ୍କର ଉପଦେଶାବଳୀ ଏବଂ ମାର୍ଗଦର୍ଶିକାଗୁଡ଼ିକୁ ବର୍ଣ୍ଣନା କରିଦେଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କିହଲେ, ସେ ଯାହା ହେଉ ନା କାହିଁକି ଏହି ଦାମ୍ପତ୍ୟ ତଥା ପାରିବାରିକ ସଂପର୍କକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଅତି ସତର୍କତାର ସହିତ ସମ୍ଭାଳି ରଖିବାକୁ ପଡ଼ିଥାଏ । ପବିତ୍ର କୁରଆନ୍ କରୀମ୍‌ର ମାର୍ଗଦର୍ଶନ ଅନୁଯାୟୀ ଉକ୍ତ ସଂପର୍କକୁ ସତ୍ୟବଚନର ଡୋର ସହିତ ବାନ୍ଧି ରଖିବାକୁ ପଡ଼ିଥାଏ । ଅର୍ଥାତ୍ ସଂପୂର୍ଣ୍ଣ ସତ୍ୟତାର ଡୋର ସହିତ ବାନ୍ଧି ରଖିବାକୁ ପଡ଼ିଥାଏ । ତେବେଯାଇ ଉକ୍ତ ସଂପର୍କ ସୁରକ୍ଷିତ ରହିପାରିବ ଓ ଉକ୍ତ ସଂପର୍କକୁ ରକ୍ଷା କରାଯାଇ ପାରିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦାମ୍ପତ୍ୟ ତଥା ପାରିବାରିକ ସଂପର୍କକୁ ରକ୍ଷା କରିବାର ଦାୟିତ୍ୱ କେବଳ ସ୍ୱାମୀ ଏବଂ ସ୍ତ୍ରୀଙ୍କର ନୁହେଁ । ବରଂ ସେମାନଙ୍କର ପରିବେଶ ତଥା ପାରପାର୍ଶ୍ୱିକ ଅବସ୍ଥା ଉପରେ ମଧ୍ୟ ନିର୍ଭର କରିଥାଏ । କାରଣ ଅନେକ ଦୋଷ ତ୍ରୁଟି, ଦୁର୍ବଳତା ଓ ଭ୍ରାନ୍ତ ଧାରଣା ଯୋଗୁଁ କିମ୍ବା ଚୁଗୁଲି ଯୋଗୁଁ ଅବା ଧୈର୍ଯ୍ୟହରା ହେବା ଯୋଗୁଁ କିମ୍ବା ଉତ୍‌କ୍ଷିପ୍ତ ହେବା ଯୋଗୁଁ ସୃଷ୍ଟି ହୋଇଯାଇଥାଏ। ଏହିସବୁ ଦୋଷଦୁର୍ବଳତାକୁ ରୋକିବା ନିମନ୍ତେ ସତ୍ୟ ହିଁ ଏକମାତ୍ର ସୁଦୃଢ ଡୋର ଅଟେ ।

ହ. ଖଲିଫତୁଲ୍ ମସିହ୍ ସାଲିସ୍ ରହେମହୁଲ୍ଲାଃହୁ ତାଆଲା ଅନ୍‌ହୁ କୁହନ୍ତି: "ଭଗବାନ କରନ୍ତୁ କି ମୁଁ ଯେଉଁ ନିକାହ୍‌ର ଘୋଷଣା କରୁଛି ତାହା ଉଭୟ ପକ୍ଷ ଅର୍ଥାତ୍ ବର ପକ୍ଷ ଏବଂ କନ୍ୟା ପକ୍ଷଙ୍କ ନିମନ୍ତେ ଓ ଜମାଅତ୍ ନିମନ୍ତେ କଲ୍ୟାଣମୟ ସାବ୍ୟସ୍ତ ହେଉ । ମାନବତା ନିମନ୍ତେ ମଧ୍ୟ ଉକ୍ତ ନିକାହ୍‌ଟି କଲ୍ୟାଣମୟ ସାବ୍ୟସ୍ତ ହେଉ । ଉକ୍ତ ବିବାହ ଯୋଗୁଁ ଧର୍ମ ତଥା ସେବକ କୁଳ ଏହି ନବ ଦମ୍ପତ୍ତିଙ୍କ ମଧ୍ୟରୁ ଜାତ ହୁଅନ୍ତୁ ।"

ଆପଣ ର.ଅ (ଖଲିଫା ସାଲିସ୍ ରହେମହୁଲ୍ଲାଃହୁ ତାଆଲା ଅନହୁ)ପୁନଶ୍ଚ କହିଲେ, "ଉକ୍ତ ନିକାହ୍‌ଟି ମୋର କନିଷ୍ଠ କନ୍ୟା ଅମତୁଲ୍ ହକିମ୍ ଏବଂ ସୟେଦ୍ ଦାଉଦ୍ ମୁଜଫ୍ଫର ଶାହ୍ ସାହେବଙ୍କ ସୁପୁତ୍ର ସୟେଦ୍ ମୌଲୁଦ୍ ଅହେମଦ ସାହେବଙ୍କର ଅଟେ । ସୟେଦ୍ ମୌଲୁଦ୍ ସାହେବ ଗୁଲାମ୍ ମୁଜ୍‌ତବାଙ୍କ କନ୍ୟା ଲୁବ୍‌ନା ଶାହ୍‌ୱାର୍‌ଙ୍କ ସହିତ ବିବାହ ସ୍ଥିର ହୋଇଛି । ପୁନଶ୍ଚ ଡାକ୍ତର ସାହେବଙ୍କ ସଂପର୍କରେ ମଧ୍ୟ ଆପଣ ରହେମହୁଲ୍ଲାଃହୁ ତାଆଲା ଅନ୍‌ହୁ କହିଲେ, ଡାକ୍ତର ସାହେବ ସେହି ପ୍ରାରମ୍ଭିକ ଡାକ୍ତରମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯିଏ ପଶ୍ଚିମ ଆଫ୍ରିକାରେ ଜଣାଶୁଣା ଡାକ୍ତର ଭାବରେ କାର୍ଯ୍ୟ କଲେ । ତାଙ୍କ ହସ୍ତରୁ ଅଲ୍ଲାଃତାଲା ଅନେକ ରୋଗୀମାନଙ୍କୁ ଆରୋଗ୍ୟ ଲାଭ ପ୍ରଦାନ କରିଛନ୍ତି । ଆପଣ ଜଣେ ସଫଳ ସର୍ଜନ ରୂପେ ଘାନାରେ କାର୍ଯ୍ୟ କରିଥିଲେ । ପୁନଶ୍ଚ କିଛି କାଳ ପରେ ତାଙ୍କୁ ନାଇଜିରିୟା ଠାରୁ ପ୍ରେରଣ କରିଦିଆଗଲା । ସେଠାରେ ମଧ୍ୟ ସେ ନିଜର ସାମୟିକ ୱକ୍‌ଫ୍ ପୂର୍ଣ୍ଣ କଲେ । ପୁନଶ୍ଚ ଏତଦ୍ ପରେ ଆପଣ ହୃଦୟ ରୋଗରେ ପୀଡ଼ିତ ହୋଇଗଲେ । ସ୍ୱାସ୍ଥ୍ୟ ସମସ୍ୟା ହେତୁ ସେ ସ୍ୱେଦଶକୁ ଫେରି ଆସିଲେ । ହ. ଖଲିଫା ସାଲିସ୍ ର.ଅ ତାଙ୍କୁ ଦୁଆ (ଆଶୀର୍ବାଦ) ମଧ୍ୟ ଦେଲେ ଯେ, ଅଲ୍ଲାଃତାଲା ତାଙ୍କୁ ସ୍ୱାସ୍ଥ୍ୟବାନ ରଖନ୍ତୁ ଏବଂ ତାଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ସେ ପୁନଃ ଆଫ୍ରିକା ଫେରି ଆସନ୍ତୁ।

**(ଅବଶିଷ୍ଟାଂଶ............ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan